

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୯ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 APRIL 2025

Vol.No. 36 ■ No.112 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ପାକିସ୍ତାନ ଉପରେ ଭାରତ ନେଇପାରେ ବଡ ଆକ୍ସନ : ଦିଲ୍ଲୀଠୁ ନେଇ ସୀମାରେ ହାଇଆଲର୍ଟ

ନୂଆଦିଲ୍ଲୀ, ୨୮/୪ : ପହଲଗାମ ଆତଙ୍କୀ ଆକ୍ରମଣ ଘଟଣାକୁ ନେଇ ଆକ୍ସନ ମୋଡରେ କେନ୍ଦ୍ର ସରକାର । ଆଜି ସୁରକ୍ଷା ସ୍ଥିତି ସମ୍ବନ୍ଧରେ ବୈଠକ କରି ବିସ୍ତୃତ ସୂଚନା ଦେଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ । ସେପଟେ ପାକିସ୍ତାନକୁ ସାବାଡ଼ କରିବାକୁ ଗୋଟିଏ ପରେ ଗୋଟିଏ ବଡ ପଦକ୍ଷେପ ନେଉଛନ୍ତି ସରକାର । ପହଲଗାମ ଆତଙ୍କୀ ଆକ୍ରମଣ ଦେଶର ଆତ୍ମାକୁ ବଡ ଆଘାତ ଦେଇଛି । ଆତଙ୍କବାଦୀଙ୍କ ଠୁ ଗୋଟିଗୋଟି କରି ପ୍ରତିଶୋଧ ନେବାକୁ ପ୍ରସ୍ତୁତ କେନ୍ଦ୍ର ସରକାର । ଏହା ଭିତରେ ଆଜି ସୀମାର ସୁରକ୍ଷା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିସ୍ତୃତ ସୂଚନା ଦେଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ।



ରବିବାର ରାଜନାଥ ସିଂ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ବୈଠକ କରିବା ପରେ ଆଜି ସାଉଥ ବ୍ଲକରେ ମୋଦୀଙ୍କ ସହ କରିଛନ୍ତି ବଡ ବୈଠକ । ସୂଚନା ଅନୁସାରେ ପାକିସ୍ତାନ ବିରୋଧରେ ଭାରତ ଯେଉଁସବୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଏହାର କି ପ୍ରଭାବ ପଡୁଛି ଏନେଇ ମଧ ବୈଠକରେ ଚର୍ଚ୍ଚା କରାଯାଇଛି । ମୋଦୀଙ୍କ ସହ ବୈଠକ କରିବା ପରେ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସିଛି ପ୍ରତିରକ୍ଷା ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ବୈଠକ ଚାରିଆଡୁ ଫସିବା ପରେ କ'ଣ କରିବ ପାକିସ୍ତାନ କିଛି ବୁଝିପାରୁନି । ଅକଳରେ ପଡି ଭାରତୀୟ ସୀମାରେ କରୁଛି ଗୁଳିମାଡ଼ । ଲଗାତାର ୫ଦିନରେ ମଧ ଏଲଓସିରେ ମୋର୍ଟାର ମାଡ ଓ ଗୁଳିବର୍ଷା କରିଛି । ଯାହାର ଗୋଟି ଗୋଟି ହିସାବ ଦେଉଛି ଭାରତୀୟ ସେନା । ସୀମାରେ ଅତିରିକ୍ତ ଫୋର୍ସ ମୁତୟନ,ଦେଶରୁ ପାକିସ୍ତାନୀଙ୍କୁ ବିତାଡିତ କରାଯାଉଛି । ପାକିସ୍ତାନକୁ ହାତରେ ନ ମାରି ଭାତରେ ମାରିବାକୁ ଭାରତର ରଣନୀତି ସ୍ପଷ୍ଟ ହୋଇସାରିଛି । ଗୋଟେ ପଟେ ପାକିସ୍ତାନ ଉପରେ ଗୋଟିଏ ▶▶ପୃଷ୍ଠା ୭

## ଜଣେ ପାକିସ୍ତାନୀ ନାଗରିକ ଓଡ଼ିଶା ଛାଡ଼ି ସାରିଛନ୍ତି

ଭୁବନେଶ୍ୱର, ୨୮/୪ (ନି.ପ୍ର): ଓଡ଼ିଶାର ୧୨ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ହୋଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ ନାଗରିକ ଓଡ଼ିଶା ଛାଡ଼ିସାରିଛନ୍ତି ବୋଲି ପୁଲିସ ଡିଜି ୱାଇ ବି ଖୁରାନିଆ କହିଛନ୍ତି । ଯେଉଁମାନେ ଦୀର୍ଘମିଆଦି ଭିସା ପାଇଛନ୍ତି ବା ସେଥିଲାଗି ଆବେଦନ କରିଛନ୍ତି, ସେମାନଙ୍କ ଆବେଦନ ଉପରେ ଆମେ ଦେଖୁଛୁ । ଏନେଇ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ଅପେକ୍ଷା କରାଯାଇଛି । ଜମ୍ମୁ କଶ୍ମୀରର ପହଲଗାମରେ ଗତ ମଙ୍ଗଳବାର ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଏବେ ଭାରତ ଓ ପାକିସ୍ତାନ ମଧରେ ଉତେଜନା ସ୍ଥିତି ରହିଛି । ଦେଶର ଆଭ୍ୟନ୍ତରୀଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ।

## ଭୁବନେଶ୍ୱର ଷ୍ଟେସନରେ ହାଇ ଆଲର୍ଟ: ଫ୍ଲାଗ୍ ମାର୍ଚ କଲା ଆରପିଏଫ



ଭୁବନେଶ୍ୱର, ୨୮/୪ (ନି.ପ୍ର): ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସନ୍ଦେହ ଜନକ ଜିନିଷ ଦେଖିବା ମାତ୍ରେ ତୁରନ୍ତ ଏଜଚ କିମ୍ବା ଆରପିଏଫକୁ ସୂଚନା ଦେବା ପାଇଁ ଲୋକଙ୍କୁ କୁହାଯାଉଛି । ସେହିଭଳି କୌଣସି ଲୋକ ସନ୍ଦେହଜନକ କାର୍ଯ୍ୟ କରୁଥିବା ଦେଖିଲେ ତୁରନ୍ତ ଖବର ଦେବା ପାଇଁ ଆରପିଏଫ ପକ୍ଷରୁ କୁହାଯାଇଛି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ହାଇ ଆଲର୍ଟ । ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଦିଲ୍ଲୀ, କୋଲକାତା, ଚେନ୍ନାଇରେ ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । ସବୁ ଷ୍ଟେସନରେ ଫ୍ଲାଗ୍ ମାର୍ଚ କରିବା ସହ ଲୋକଙ୍କୁ ସତର୍କ କରାଯାଉଛି । ଏହି କ୍ରମରେ ଭୁବନେଶ୍ୱରରେ ରେଳ ଷ୍ଟେସନରେ ଜଚର ପକ୍ଷରୁ ଫ୍ଲାଗ୍ ମାର୍ଚ କରାଯିବା ସହ ଲୋକଙ୍କୁ ସଚେତନ କରାଯାଉଛି । କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସନ୍ଦେହ ଜନକ ଜିନିଷ ଦେଖିବା ମାତ୍ରେ ତୁରନ୍ତ ଜିଆରପି କିମ୍ବା ଆରପିଏଫକୁ ସୂଚନା ଦେବା ପାଇଁ ଲୋକଙ୍କୁ କୁହାଯାଉଛି । ▶▶ପୃଷ୍ଠା ୭

## ହିମାଚଳ ପ୍ରଦେଶ ଚମ୍ବାରେ ଭୂକମ୍ପ ଝଟ୍‌କା ଅନୁଭୂତ

ଶିମଲା, ୨୮/୪ : ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଭୋର ସମୟରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ଭୂକମ୍ପ ସକାଳ ୫.୪୧ ମିନିଟ୍ ସମୟରେ ଅନୁଭୂତ ହୋଇଥିଲା । ପାଣିପାଗ ବିଜ୍ଞାନ କେନ୍ଦ୍ର ଶିମଲା ଅନୁସାରେ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୨.୭ ରେକର୍ଡ ହୋଇଛି । ଭୂକମ୍ପର କେନ୍ଦ୍ର ଚମ୍ବାରେ ୩୨.୭୯ ଡିଗ୍ରୀ ଉତର ଅକ୍ଷାଂଶ ଓ ୭୬.୨୦ ଡିଗ୍ରୀ ପୂର୍ବ ଦେଶାନ୍ତରରେ ରହିଛି । ଏହାର ଗଭୀରତା ମାଟିରୁ ୫ କିଲୋମିଟର ତଳେ ରେକର୍ଡ ହୋଇଛି । ଭୂକମ୍ପ ଯୋଗୁ କୌଣସି ଧନଜୀବନ ହାନି ହୋଇନି । ରାଜ୍ୟ ଜରୁରୀକାଳୀନ ପ୍ରାଧିକରଣର ଜଣେ ଅଧିକାରୀ କହିଛନ୍ତି ଯେ, ଭୂକମ୍ପର ତୀବ୍ରତା ବହୁତ କମ୍ ଥିଲା । ଏହି କାରଣରୁ ଚମ୍ବା ଜିଲ୍ଲା ଓ ଆଖପାଖ ଅଂଚଳରେ କୌଣସି କ୍ଷୟକ୍ଷତି ହୋଇନି । ଭୂକମ୍ପର ଝଟ୍‌କା ଅନୁଭୂତ ହେବା ମାତ୍ରେ ଲୋକେ ସତର୍କ ହୋଇଥିଲେ ଏବଂ ସ୍ଥିତି ସାମାନ୍ୟ ରହିଛି ।

## ବିଶୃଙ୍ଖଳିତ ଆଚରଣ: ଭିସୁଟର ୧୦୦ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୮/୪ (ନି.ପ୍ର): ବିଭିନ୍ନ ପ୍ରକାର ବିଶୃଙ୍ଖଳିତ କାର୍ଯ୍ୟକଳାପ ଓ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ବୁର୍ଲା ଭିସୁଟ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କ ବିରୁଦ୍ଧରେ ବଡ ଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏକକାଳୀନ ୧୦୦ ଛାତ୍ରଙ୍କ ଉପରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ । ଏ ନେଇ କୁଳପତିଙ୍କ ଅନୁମୋଦନ କ୍ରମେ କୁଳସଚିବ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଏକ ବିଜ୍ଞପ୍ତି ଜାରି କରିଛନ୍ତି । କମ୍ ଉପସ୍ଥିତି ସହ ବିଶୃଙ୍ଖଳିତ ଆଚରଣକୁ ନେଇ ଛାତ୍ରଛାତ୍ରୀଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଭିନ୍ନ ଭିନ୍ନ ପ୍ରକାରର ବିଶୃଙ୍ଗଳା ପାଇଁ ଅଲଗା ଅଲଗା ଦଣ୍ଡ ବିଧାନ ସହ ଆର୍ଥିକ ଦଣ୍ଡ ବା ଫାଇନ ମଧ କରା ଯାଇଛି । ▶▶ପୃଷ୍ଠା ୭

## ପ୍ରଶ୍ନପତ୍ର ବିଭ୍ରାଟ: କାଲି ଅସନ୍ତୋଷ ଝାଡ଼ିଲେ: ଆଜି ସିଧାସିଧା ପରୀକ୍ଷା ବାତିଲ ଦାବି

ଭୁବନେଶ୍ୱର, ୨୮/୪ (ନି.ପ୍ର): ଓପିଏସସି ଏବଂ ଓଏସଏସସି ପ୍ରଶ୍ନପତ୍ର ବିଭ୍ରାଟକୁ ଥମୁନି ପରୀକ୍ଷାର୍ଥୀଙ୍କ କ୍ଷୋଭ ଓ ଉଦବେଗ । ପରୀକ୍ଷା ସମ୍ପୂର୍ଣ୍ଣ ବାତିଲ କରିବାକୁ ଆଜି ଓଏସଏସସି ଅଧକ୍ଷଙ୍କୁ ଭେଟି ଦାବି କରିଛନ୍ତି ଆଶାୟୀ । ତା ସହ ଯଦି ପୁଣି ପରୀକ୍ଷା ହୁଏ, ତେବେ ଓଡ଼ିଆ, ଇଂରାଜୀ ଏବଂ ଜିକେ ସଂପର୍କିତ ପ୍ରଶ୍ନ ଆସିବ କି ନାହିଁ, ଜାଣିବାକୁ ଚାହିଁଥିଲେ । କିନ୍ତୁ ଓଏସଏସସି ଅଧକ୍ଷ କୌଣସି ଉତ୍ତର ନରଖି ନିଜ ମତାମତ ଇ-ମେଲରେ ରଖିବାକୁ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ଦୋହରାଇଛନ୍ତି । ଏପଟେ ଘଟଣାକୁ ନେଇ ରାଜନୈତିକ ବୟାନବାଜି ଜୋର ଧରିଥିବା ବେଳେ ଦୋଷୀଙ୍କୁ ଛଡ଼ା ଯିବନି ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ । କାଲି ଅସନ୍ତୋଷ ଝାଡ଼ିଲେ, ଆଜି ସିଧାସିଧା ପରୀକ୍ଷା ବାତିଲ ଦାବି । ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ୍ ଓଏସଏସସି ଅଧକ୍ଷଙ୍କୁ ଭେଟି ଗତକାଲି ହୋଇଥିବା ଏଗଜାମ୍ ବାତିଲ ପାଇଁ ଦାବି ଜଣାଇଛନ୍ତି ଆଶାୟୀ । ଏକ୍ସାଇଜ୍ ଏବଂ ଟ୍ରାଫିକ୍ ସବ୍-ଇନିସପେକ୍ଟର ପରୀକ୍ଷାରେ ସାଂଘାତିକ ତ୍ରୁଟି ପରେ ଆଜି କମିଶନଙ୍କ ଅଫିସ୍ ଆଗରେ ପହଞ୍ଚିଥିଲେ ପରୀକ୍ଷାର୍ଥୀ । ଦୀର୍ଘ ସମୟ ଧରି ଅପେକ୍ଷା କରିବାପରେ ପୋଲିସ୍ ଉପସ୍ଥିତିରେ ମାତ୍ର ଦୁଇଜଣ ପରୀକ୍ଷାର୍ଥୀଙ୍କୁ ଅଧକ୍ଷଙ୍କୁ ଭେଟିବାକୁ ଅନୁମତି ମିଳିଥିଲା । ହେଲେ ସେମାନଙ୍କ ଦାବିକୁ କର୍ଣ୍ଣପାତ କରିନଥିଲେ ଓଏସଏସସି ଅଧକ୍ଷ ଅଭୟ । ବରଂ ଗତକାଲି ନିଜ ଏକ୍ସ ହ୍ୟାଣ୍ଡେଲରେ ଏହି ପ୍ରସଙ୍ଗରେ ଯାହା ଲେଖିଥିଲେ, ତାକୁ ହିଁ ଦୋହରାଇଥିଲେ । କହିଥିଲେ ପରୀକ୍ଷାର୍ଥୀମାନେ ଆସନ୍ତା ୪ ତାରିଖ ପୂର୍ବରୁ ନିଜ ମତ ଇ-ମେଲ୍ ଜରିଆରେ ଜଣାଇପାରିବେ । ଏହାପରେ ଆୟୋଗ ପରବର୍ତ୍ତୀ ନିଷ୍ପତ୍ତି ନେବେ । ତେବେ ପୁଣିଥରେ ପରୀକ୍ଷା ହେଲେ ଓଡ଼ିଆ, ଇଂରାଜୀ ଏବଂ ଜିକେ ସଂପର୍କିତ ପ୍ରଶ୍ନ ଆସିବ କି ନାହିଁ ତାହା ଜାଣିବାପାଇଁ ପରୀକ୍ଷାର୍ଥୀ ଚାହିଁଥିଲେ । ▶▶ପୃଷ୍ଠା ୭

## ପରୀକ୍ଷାର୍ଥୀଙ୍କ ଜୀବନ ସହ ଖେଳ ନହେଉ: କଂଗ୍ରେସ

ଭୁବନେଶ୍ୱର, ୨୮/୪ (ନି.ପ୍ର): ଓଡିଶା ଷ୍ଟାଫ ସିଲେକ୍ସନ କଥା ହେଉ ବା ଓପିଏସସି ହେଉ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରୁଥିବା ପରୀକ୍ଷାର୍ଥୀଙ୍କ ଜୀବନ ପ୍ରତି ଖେଳ ନ ହେଉ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି । ଓଡିଶାରେ ବିଗତ ଦିନରେ ଏମିତି ବହୁତ ତ୍ରୁଟି ହୋଇଛି ଏବଂ ଗତକାଲି ହୋଇଛି । ▶▶ପୃଷ୍ଠା ୭

## କୋଇଲା ଚୋରି ଅଞ୍ଚଳ ବୁଲିଲେ ମନ୍ତ୍ରୀ ଓ ଅଧିକାରୀ: କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର, ୨୮/୪ (ନି.ପ୍ର): ସରକାରୀ ନାଲି ଫିତା ତଳେ ଚାପି ହୋଇଗଲା କି, ସୁନ୍ଦରଗଡ଼ ଖଣିଚୋରି ମାମଲା ? ତଦନ୍ତ ନାଁରେ କଳାହୀରା ଚୋରିର କାର୍ପଟଦାରଙ୍କୁ ଦିଆଯାଉଛି କି ସୁରକ୍ଷା ? ଲକ୍ଷ ଲକ୍ଷ ଟନ୍ କୋଇଲା ଖଣି ଖୋଳି ଖାଇଗଲେ । ହେଲେ ୪ଜଣ ନୀରିହ ଆଦିବାସୀଙ୍କୁ ବାନ୍ଧି ଜେଲ ପଠାଇଦେଲେ । ସେମାନେ ବି ଜାମିନ ପାଇ ମୁକୁଳି ସାରିଲେଣି । ତେଣୁ ଏତେବଡ଼ ଷଡ଼ଯନ୍ତ୍ର ପଛରେ ଥିବା ମାଫିଆଙ୍କ



ବିରୋଧରେ, ସରକାରୀ କାର୍ଯ୍ୟାନୁଷ୍ଠାନକୁ ଲୋକେ ସନ୍ଦେହ କଲେଣି । ଗଣମାଧ୍ୟମରେ ପ୍ରଥମେ ପ୍ରସାରଣ କରିଥିଲା ସୁନ୍ଦରଗଡ଼ରେ ଖଣି ଚୋରି । ପ୍ରାୟ ୧ ମାସ ଧରି ଗୋଟିଏ ପରେ ଗୋଟିଏ କୋଇଲା କେଲେଙ୍କାରୀର ଗୁମର ଖୋଲିଥିଲା । ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଆକ୍ସନକୁ ଆସିଲା । ମାଳ ମାଳ ଗାଡ଼ି ବୁଲିଲା, ଡ୍ରୋନ୍ ଉଡ଼ିଲା, ପୋଲିସ ବୁଲିଲା । ▶▶ପୃଷ୍ଠା ୭

## ଯୋଗାଣ ମନ୍ତ୍ରୀଙ୍କ ବଡ଼ ଘୋଷଣା: ରାସନକାର୍ଡ଼ରୁ ହଟିବ ବିଦେଶୀଙ୍କ ନାଁ

ଭୁବନେଶ୍ୱର, ୨୮/୪ (ନି.ପ୍ର): ଯୋଗାଣ ମନ୍ତ୍ରୀଙ୍କ ବଡ଼ ଘୋଷଣା । ରାସନକାର୍ଡ଼ରୁ ହଟିବ ବିଦେଶୀଙ୍କ ନାଁ । ଏନେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଖୁବଶୀଘ୍ର ରାସନକାର୍ଡ଼ରୁ ବିଦେଶୀଙ୍କ ନାଁ କଟାଯିବ ବୋଲି ସୂଚନା ଦେଇଛନ୍ତି । ବିଦେଶୀ ପାଇଛନ୍ତି ରାସନ କାର୍ଡ । ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସମ୍ପୂର୍ଣ୍ଣ ସତ । ଓଡ଼ିଶାରେ ପାକିସ୍ତାନୀ, ବାଂଲାଦେଶୀ ଏବଂ ମିଆଁମାର ଲୋକ ହାତେଇଛନ୍ତି ରାସନ କାର୍ଡ । ଏହା ଜାଣିବା ପରେ ତତ୍‌ପର ହୋଇଛି ପ୍ରଶାସନ । ଏନେଇ ଯୋଗାଣମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି ଯେଉଁ ବିଦେଶୀମାନେ ରାସନ କାର୍ଡ ପାଇଛନ୍ତି ସେମାନଙ୍କ ନାଁ ରାସନ କାର୍ଡ଼ରୁ କଟିବ । ଓଡିଶାକୁ



ଅନୁପ୍ରବେଶ କରି ରାସନ କାର୍ଡ ହାତେଇଥିବା ବିଦେଶୀଙ୍କୁ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଛି ବିଭାଗ । ପାକିସ୍ତାନ, ବାଂଲାଦେଶ, ମିଆଁମାରର ଅନେକ ବିଦେଶୀ ରାସନ କାର୍ଡ ହାତେଇଥିବା ଜଣା ପଡ଼ିଛି । ଏଥିପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନଙ୍କୁ ଚିହ୍ନଟ କରି ରାସନ କାର୍ଡ଼ରୁ ନାଁ କଟାଯିବ । ଯିଏ ବି ରାଜନୈତିକ ଚାପ କିମ୍ବା ଅନ୍ୟ ଉପାୟରେ ରାସନ କାର୍ଡ ହାତେଇଛନ୍ତି ସେମାନଙ୍କୁ ତୁରନ୍ତ ଚିହ୍ନଟ କରି କାଟିବାକୁ କୁହାଯାଇଛି । ପ୍ରକ୍ରିୟା ସରିଲେ ସଂଖ୍ୟା ସାମ୍ନାକୁ ଆସିବ ବୋଲି ସ୍ପଷ୍ଟ କରିଛନ୍ତି ମନ୍ତ୍ରୀ ।

## 'ମୁଠାଏ ସ୍ୱପ୍ନ' ଓ 'ସାଗରିକା'ର ବିଷୁବ ସଂଖ୍ୟା ଉନ୍ମୋଚିତ

ବାଲେଶ୍ୱର, ୨୮/୪ (ନି.ପ୍ର): ଆଜି ଷ୍ଟେସନ କ୍ଲବ ପରିସରରେ ସୃଷ୍ଟିଧର ପରିଡ଼ାଙ୍କ ଗଳ୍ପ ସଙ୍କଳନ 'ମୁଠାଏ ସ୍ୱପ୍ନ' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ବିଷୁବ ସଂଖ୍ୟା ମହାସମାରୋହରେ ଉନ୍ମୋଚିତ ହୋଇଯାଇଛି । 'ହୁମୁସୋଫିଆମାନେ ସ୍ୱପ୍ନ ଦେଖିନଥିଲେ ଆମେ ଆଜି ଯୋଉଠି ପହଂଚିଛେ ସେଠାରେ ପହଂଚି ପାରିନଥାନ୍ତେ । ହାତମୁଠାର ସ୍ୱପ୍ନ ମଣିଷକୁ ବାଟ ଦେଖାଏ ଏବଂ ବରଫଳ ପରି ମୁଠାଏ ସ୍ୱପ୍ନ ଅଗଣିତ ବରଗଛ ସୃଷ୍ଟିକରିପାରେ ବୋଲି ଉତ୍ସବର ଉଦ୍ଘାଟକ କବି ରତ୍ନାକର ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ । ସେ ଆହୁରି ମଧ କହିଥିଲେ ଯେ ସବୁ ମଣିଷ ସମାନ । ମଣିଷମାନଙ୍କର ସ୍ୱପ୍ନର ପରିଭାଷା କିନ୍ତୁ ଅଲଗା । ଏହି ବିଭାଜିତ ସ୍ୱପ୍ନକୁ ଲେଖକମାନେ ଯୋଡିପାରିଲେ ତାହା ଏକ ସୁନ୍ଦର ବିଶ୍ୱ ଗଠନ



କରିପାରିବ । ମୁଖ୍ୟ ଅତିଥିଭାବେ ବିଧାୟକ ମାନସ କୁମାର ଦତ୍ତ ସାହିତ୍ୟ ଓ ପୁସ୍ତକ ଉଭୟ ସମାଜ ଗଠନ ପାଇଁ ନିତାନ୍ତ ଆବଶ୍ୟକ ଓ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିବା ସହ ଲେଖକଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଆଲୋଚକ ହିସାବରେ ଡ. ଭାଗବତ ବେହେରା ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବିପର୍ଯ୍ୟସ୍ତ ସମାଜକୁ ସଠିକ୍ ଦିଗରେ ସଂସ୍କାରିତ କରିବା ପାଇଁ ଏହି ପୁସ୍ତକଟିରେ ବହୁ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଭରି ରହିଛି ବୋଲି ମତ ପ୍ରକାଶ କରିବା ସହ ଏହା ସମାଜକୁ ଏକ ବଳିଷ୍ଠ ଦିଗଦର୍ଶନ ଓ ବତିଘର ସଦୃଶ ପଥ ଦେଖାଇବ ବୋଲି କହିଥିଲେ । ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ମୁଖ୍ୟ ଡ.କାଳୀପଦ ପଣ୍ଡା ତାଙ୍କ ପ୍ରକାଶକୀୟ ବକ୍ତବ୍ୟ ରଖିଥିବା ବେଳେ ଆଇନଜୀବୀ ତଥା ସମାଜସେବୀ ବେଣୁଧର ରାଉଳ, ଯୋଗଗୁରୁ ସୁଜିତ କୁମାର ଜେନା ଯୋଗଦେଇ ପୁସ୍ତକଟିର ପ୍ରଚାର ପ୍ରସାର କାମନା କରିଥିଲେ । 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା କବୀ ସୈରିନ୍ଧ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଲେଖକ ସୃଷ୍ଟିଧର ପରିଡ଼ା ଅତିଥିମାନଙ୍କୁ ମଂଚକୁ ଆହ୍ୱାନ କରିବା ସହ ପୁସ୍ତକଟିରେ ସ୍ଥାନିତ ଚଉଦଟି ଗଳ୍ପ ସେ କେଉଁ ପରିସ୍ଥିତିରେ କେଉଁ କଥାବସ୍ତୁକୁ ନେଇ ଲେଖିଛନ୍ତି ତା ଉପରେ ସମ୍ୟକ୍ ଆଲୋଚନା କରିଥିଲେ । ପ୍ରାରମ୍ଭରେ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀ ଓ ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ କବି ପ୍ରିୟଙ୍କା ପ୍ରିୟଦର୍ଶିନୀ, ରଂଗରାଗର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି ଓ ଆଇନଜୀବି ଯଶୋଦାନନ୍ଦ ଆସ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅନ୍ଧାରରେ ଅଧା ୟୁରୋପ : ଅଚାନକ ହେଲା ବ୍ଲାକଆଉଟ୍, ଟ୍ରେନରେ ବି ଲାଗିଲା ବ୍ରେକ୍

ନୂଆଦିଲ୍ଲୀ, ୨୮/୪ : ଅନ୍ଧାରରେ ଅଧା ୟୁରୋପ । ୟୁରୋପର ଅନେକ ଅଞ୍ଚଳରେ ଅଚାନକ ବ୍ଲାକଆଉଟ୍ ହେବା ନେଇ ଖବର ଆସିଛି । ୟୁରୋପୀୟ ଦେଶ ସ୍ପେନ ଏବଂ ପର୍ତ୍ତୁଗାଲରେ ବଡ଼ ଧରଣର ବିଦ୍ୟୁତ କାଟ ହୋଇଥିବା ରିପୋର୍ଟ ମିଳିଛି । ମିଳିଥିବା ସୂଚନା ମୁତାବକ, ଏହି ଦେଶଗୁଡ଼ିକର ରାଜଧାନୀଗୁଡ଼ିକରେ ମଧ ବିଦ୍ୟୁତ୍ କାଟ ହୋଇଛି । ଫ୍ରାନ୍ସର କିଛି ସହର ମଧ ଏହି ବ୍ଲାକଆଉଟ୍ ଦ୍ୱାରା ପ୍ରଭାବିତ ହୋଇଛି । ସ୍ପେନର ସରକାରୀ ବିଦ୍ୟୁତ୍ କମ୍ପାନୀ ରେଡ୍ ଇଲେକ୍ଟ୍ରିକା କହିଛି ଯେ, ବିଦ୍ୟୁତ୍ ଯୋଗାଣକୁ ପୁଣିଥରେ ଆରମ୍ଭ କରିବା ପାଇଁ କାମ ଚାଲିଛି । ତେବେ ବର୍ତ୍ତମାନ ସମୟରେ ବ୍ଲାକ୍‌ଆଉଟ କେଉଁ କାରଣରୁ ହେଲା, ସେନେଇ ଯାଞ୍ଚ କରାଯାଉଛି । ସେହିପରି ସ୍ପେନର ଜାତୀୟ ରେଳ କମ୍ପାନୀ ରେନଫେ କହିଛି ଯେ, ସ୍ଥାନୀୟ ସମୟ ରାତି ୧୨ଟା ୩୦ରେ ଦେଶର ସମ୍ପୂର୍ଣ୍ଣ ଜାତୀୟ ବିଦ୍ୟୁତ୍ ଗ୍ରୀଡ୍ ବିଚ୍ଛିନ୍ନ ହୋଇଯାଇଥିଲା । ତେଣୁ ଟ୍ରେନଗୁଡ଼ିକୁ ଅଟକାଯାଇଛି ଏବଂ କୌଣସି ଷ୍ଟେସନରୁ କୌଣସି ଟ୍ରେନ ଆସିନାହିଁ କିମ୍ବା ଛାଡିନାହିଁ । ତେବେ ପର୍ତ୍ତୁଗାଲରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବା ଦ୍ୱାରା ରାଜଧାନୀ ଲିସବନ୍ ଏବଂ ଆଖପାଖ ଅଞ୍ଚଳ ସହିତ ଦେଶର ଉତ୍ତର ଏବଂ ଦକ୍ଷିଣ ଅଂଶକୁ ଏହା ପ୍ରଭାବିତ କରିଥିଲା ।

# ପହଲଗାମ ଆତଙ୍କୀ ଘଟଣା : ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ନୀରବ ଶୋଭାଯାତ୍ରା

ଧର୍ମଶାଳା,୨୮/୪(ନି. ପ୍ର): କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ନିହତ ପର୍ଯ୍ୟଟକମାନଙ୍କ ପ୍ରତି ଯାଜପୁର ଜିଲା ଧର୍ମଶାଳା ବ୍ଲକର ଜାରକା ରୋଟାରୀ ଓ ଇନର ହୁଇଲ କ୍ଲବ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଜାରକା ରୋଟାରୀ ଓ ଇନରହୁଲର ସଦସ୍ୟ/ ସଦସ୍ୟାମାନେ ନରସଂହାର ପ୍ରତିବାଦରେ ନୀରବ ପ୍ରାର୍ଥନା କରିବା ସହ ହାତରେ ମହମବତୀ ଧରି ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରିଥିଲେ । ଏଥିସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଜାରକ ର ସଭାପତି ରାଜେନ୍ଦ୍ର କୁମାର ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ରୋଟାରୀୟାନ୍ କଳାକର ମହାନ୍ତି, ସତ୍ୟାନନ୍ଦ ବରାଳ, ଅଜାମ୍ବର ସାହୁ, ଲକ୍ଷ୍ମୀକାନ୍ତଙ୍କ ଚ୍ୟାଉପଟ୍ଟନାୟକ, ନିରଞ୍ଜନ ପାଣିଗ୍ରାହୀ, ବିନୋଦ ବିହାରୀ ପରିଡ଼ା, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ, ଅମୁଲ୍ୟ ମହାରଣା, ଦୀପକ କୁମାର ଜେନା, ଦେବେନ୍ଦ୍ର ସାହୁ ଓ ଇନରହୁଇଲ୍ କ୍ଲବର ସଭାନେତ୍ରୀ ରଶ୍ମିତା ନାୟକ, ଇନରହୁଇଲ କ୍ଲବର ପୂର୍ବତନ ସଭପତି ମିନତୀ ସାହୁ, ଲୋପାମୁଦ୍ରା ଷଣ୍ଢ, ଇନ୍ଦୁପ୍ରଭା ସାମଲ, କଳ୍ପନା ପରିଡ଼ା, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା, ବିଶ୍ୱରୁପା ସାହୁ, ସୁଭଲକ୍ଷ୍ମୀ କର ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

# ମଇ ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭୁବନେଶ୍ୱର,୨୮/୪(ନି. ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ମତେ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ମଇ ମାସ ୧୦ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା - ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଚିଲିକା, ଜଟଣୀ, ଟାଙ୍ଗୀ ଓ ବେଗୁନିଆ ଠାରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାର ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମାମଲା, ଗାଡି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ ଅନାଦେୟ, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ, ଛାଡ଼ପତ୍ର ବ୍ୟତୀତ ପାରିବାରିକ ବୈବାହିକ ମାମଲା, ଜମି ଅଧିଗ୍ରହଣ, ଶ୍ରମବିବାଦ, ଚେକ୍ ବାଉନ୍ସ ଓ ବିଭିନ୍ନ ଜନ ଉପଯୋଗୀ ମାମଲା, ଚାକିରୀ ଏବଂ ପେନଶନ ମାମଲା, ରାଜସ୍ୱ, ଖାଉଟି ସୁରକ୍ଷା ଆଦି ମାମଲା ଗୁଡିକରେ ଉଭୟ ପକ୍ଷଙ୍କ ଆପୋଷ ବୁଝାମଣା ଜରିଆରେ ବିଭାଗୀୟ ଅଦାଲତ ମାନଙ୍କରେ ସମାଧାନ କରାଯାଇ ପାରିବ। ଏଣୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି କି ସେମାନେ ନିଜ ମଧ୍ୟରେ ଅଦାଲତରେ ଥିବା ବିଚାରଧୀନ ମାମଲା କିମ୍ବା ଯେକୌଣସି ମିଳାମିଶା ଯୋଗ୍ୟ ବିବାଦର ସହଜ ଓ ସରଳ ସମାଧାନ ପାଇଁ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତ କିମ୍ବା ଆଇନ ସେବା କମିଟି ଅଧିଗ୍ରହଣଙ୍କ କାର୍ଯ୍ୟାଳୟ ସହ ଆଗୁଆ ଯୋଗାଯୋଗ କରିବା ହେବେ ବୋଲି ପ୍ରାଧିକରଣ ସଚିବ ସଲୋମୀ ସାହୁ ଅନୁରୋଧ କରିଛନ୍ତି। କେବଳ ଅଦାଲତରେ ବିଚରାଧୀନ ମାମଲା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ ଯଥା ଅଦାଲତରେ ଦାୟର ହୋଇନଥିବା ମାମଲା ଯଥା - ଚେକ୍ ବାଉନ୍ସ, ବ୍ୟାଙ୍କରଣ ଅନାଦେୟ, ପରିବାରିକ, ଟେଲିଫୋନ ଏବଂ ଅନ୍ୟାନ୍ୟ ସାଲିସ ଯୋଗ୍ୟ ସମସ୍ତ ମାମଲାର ମଧ୍ୟ ସମାଧାନ ଉକ୍ତ ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ ବୋଲି ପ୍ରାଧିକରଣ ଜଣାଇଛନ୍ତି । ଏଠାରେ ସୂଚନା ଦିଆଯାଏ କି ଉକ୍ତ ଲୋକ ଅଦାଲତ ରେ ମୋକଦ୍ଦମା କିମ୍ବା ବିବାଦର ସମାଧାନ ପାଇଁ ଜନସାଧାରଣଙ୍କୁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୁଡାନ୍ତ ଅଟେ । ଯଦି କୌଣସି ଅଦାଲତରେ ଥିବା ବିଚାରଧୀନ ମାମଲା ଲୋକ ଅଦାଲତରେ ଫଇସଲା ହୁଏ ତାହେଲେ ଆଗରୁ ପୈଠ ହୋଇଥିବା କୋର୍ଟ ଫିସ୍ ମଧ୍ୟ ଫେରସ୍ତ କରାଯାଏ। କୌଣସି ମାମଲା ଅଦାଲତରେ ଦୀର୍ଘଦିନରୁ ଫଇସଲା ଅପେକ୍ଷାରେ ଅଛି ତାହେଲେ ଉକ୍ତ ମାମଲାରେ ଉଭୟ ପକ୍ଷ ଅଦାଲତକୁ ଆସି ନିଜନିଜ ମାମଲାର ଆପୋଷ ସହମତି ଓ ବୁଝାମଣା ଜରିଆରେ ନିଜ ନିଜ ବିବାଦର ସମାଧାନ କରିନିଅନ୍ତୁ ଏବଂ ତୁରନ୍ତ ନିକଟସ୍ଥ ଅଦାଲତ କିମ୍ବା ଆଇନ ସେବା କାର୍ଯ୍ୟାଳୟଙ୍କ ସହ ଯୋଗା ଯୋଗ କରିବାକୁ ସଚିବ ପରାମର୍ଶ ଦେଇଛନ୍ତି ।

# କଂଗ୍ରେସ ଭବନରେ ସାଂସଦଙ୍କୁ ସମ୍ବର୍ଦ୍ଧନା

ଜୟପୁର,୨୮/୪(ନି. ପ୍ର): ଜୟପୁର କଂଗ୍ରେସ ଭବନ ପରିସରରେ ଆଜି ସାଂସଦ ସପ୍ତଗିରି ଉଲ୍ଲକାଙ୍କୁ ନଗର କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସାଂସଦଙ୍କୁ ଏକ ମୋଟରସାଇକଲ ଶୋଭାଯାତ୍ରାରେ କଂଗ୍ରେସ ଭବନକୁ ଅଣାଯାଇଥିଲା। କଂଗ୍ରେସ ଭବନରେ ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ବିଧାୟକ ତାରାପ୍ରସାଦ ବାହିନୀପତି, ବ୍ଲକ ସଭାପତି ବସନ୍ତ ନାୟକ,ରୁପକ ତୁରୁକୁ, ରାମ ପ୍ରସାଦ ପାଢି ଓ ସନ୍ଦିପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ଉଲକା ନିର୍ବାଚନ ଜିତିବା ପରେ ଆଜି କର୍ମୀଙ୍କ ସହ ପ୍ରଥମ ବୈଠକ ହୋଇଥିଲା। କର୍ମୀମାନେ ରାଜ୍ୟରେ କଣ ହେଉଛି, କେନ୍ଦ୍ରରେ କଣ ହେଉଛି କଂଗ୍ରେସର କଣ ଆଭିମୁଖ୍ୟ ଅଛି ସେ ବିଷୟରେ ଆଜି କର୍ମୀ ମାନଙ୍କ ସହ ଆଲୋଚନା କରାଗଲା। ଆସନ୍ତା ନିର୍ବାଚନରେ ୭ରୁ ୭ ବିଧାନସଭାରେ ଜିତିବୁ ବୋଲି କହିଥିଲେ। ଆସନ୍ତା କାଲି ଭୁବନେଶ୍ୱରେ ଠାରେ ହେବାକୁ ଥିବା ବିଶାଳ ରାଲିରେ ସମସ୍ତ କର୍ମୀମାନଙ୍କୁ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ସମୟର ଅଭାବ ଯୋଗୁଁ ଜୟପୁର କୁ ସମୟ ଦେଇପାରୁନଥିଲି କିନ୍ତୁ ମୁଁ ବ୍ୟକ୍ତିଗତ ଖବର ରଖୁଥିଲି ବୋଲି କହିଥିଲେ। ସରକାର ବିରୁଦ୍ଧରେ କଂଗ୍ରେସ ସ୍ୱର ଉଠାଇବ ବୋଲି କହିଥିଲେ। କାଶ୍ମୀରର ପେହଲଗାଁଓରେ ହୋଇଥିବା ହତ୍ୟାକୁ ନିନ୍ଦା କରିବା ସହ ସରକାରଙ୍କୁ ଆମେ ସମର୍ଥନ କରିବୁ। ଯିଏ ଏହି କାଣ୍ଡ ଭିଆଇଛି ସେ ଦଣ୍ଡ ପାଇବା ଉଚିତ ବୋଲି କିହିଥିଲେ। ୱାକବ ବିଲ ହିନ୍ଦୁ ବିରୋଧି କି ହିନ୍ଦୁ ସମର୍ଥକ ବିଲ ନୁହେଁ ଏହା ସମ୍ବିଧାନ ବିରୋଧି। ଏହା ସମ୍ବିଧାନ ବିରୋଧି ଅଟେ ବୋଲି କହିଥିଲେ। ପରେ ବିଧାୟକ ଓ ସାଂସଦଙ୍କୁ ଏକ ମୋଟର ସାଇକଲ ଶୋଭାଯାତ୍ରା କରି ବେଦିକା ଭବନ ନିଆଯାଇଥିଲା।

# ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ନାଟ୍ୟ ସଂସଦର ନିର୍ବାଚନ

କେନ୍ଦ୍ରାପଡ଼ା,୨୮/୪(ନି. ପ୍ର): ସ୍ୱପ୍ନେଶ୍ୱର ମନ୍ଦିର କମିଟିର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ନାଟ୍ୟ ସଂସଦର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନିର୍ବାଚନରେ ଗୁରୁଚରଣ ସାହୁ ସଭାପତି, ସଂଗ୍ରାମ କେଶରୀ ସାହୁ ଉପସଭାପତି, ହେମନ୍ତ କୁମାର ବେହୁରା ସମ୍ପାଦକ, ରଞ୍ଜନ କୁମାର ମହାପାତ୍ର କୋଷାଧ୍ୟକ୍ଷ ଓ ଗୁରୁଚରଣ ବାରିକଙ୍କୁ ମୁଖ୍ୟ ପରାମର୍ଶ ଦାତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି । ଏହି ନିର୍ବାଚିତ କମିଟି ୨୦୨୫ଠାରୁ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ । ୨୦୨୮ ମସିହାରେ ନୂତନ କର୍ମକର୍ତା ନିର୍ବାଚନ କରାଯିବ । କମିଟିକୁ ଛାଡି କୌଣସି କର୍ମକର୍ତା ବାହାରେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ । ଚଳିତ ପବିତ୍ର ଶୀତଳଷଷ୍ଠୀରେ ହେବାକୁ ଥିବା ନାଟକ 'ଏଠି ତୋର ଦୋଷ ନା ମୋର ଦୋଷ'କୁ ସଫଳ ଭାବେ ମଂଚସ୍ଥ କରିବା ପାଇଁ ସଭାପତି ପରାମର୍ଶ ଦେଇଥିଲେ । ନିର୍ବାଚିତ କମିଟିର କର୍ମକର୍ତାଙ୍କ ବ୍ୟତୀତ ଅନ୍ୟ କୌଣସି ମେମ୍ବର ନୂତନ ସଭ୍ୟମାନଙ୍କୁ ଗ୍ରହଣ କରିପାରିବେ ନାହିଁ ।

# ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ : ରବି ନାଏକ

ଭୁବନେଶ୍ୱର,୨୮/୪(ନି. ପ୍ର): ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଂଟକୁ ପଠାଯାଇଛି ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି। ଯେଉଁ ଜାଗାରେ ପାଣି ମିଳୁ ନ ଥିବ। ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ । ପାଣି ପାଇଁ କେହି କଷ୍ଟ ନ ପାଇବେ ନାହିଁ। ସରକାର ଏ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ଗ୍ରୀଷ୍ମ ପ୍ରବାହରକୁ ନେଇ ରାଜ୍ୟରେ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି।ଯେଉଁ ଜାଗାରେ ପାଣି ମିଳୁ ନ ଥିବ। ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ।

ଚଳିତ ବର୍ଷ ନୂଆ ସରକାରରେ ୨୪ ହଜାର ନୂଆ ନଳକୂପ ସ୍ଥାପନ କରାଯାଉଛି। ୨୪ ହଜାର ନୂଆ ନଳକୂପ ମଧ୍ୟରୁ ୯ ହଜାରରୁ ଅଧିକ ନୂଆ ନଳକୂପ ସ୍ଥାପନ ସ୍ଥାପନ ହୋଇ ସାରିଛି। ବାକି ୧୫ ଦିନ ଭିତରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ନେଇ ସାଢ଼େ ୫ ଶହ କୋଟି ଟଙ୍କା ବିଭିନ୍ନ ଜିଲ୍ଲାପାଳଙ୍କ ଆକାଉଂଟକୁ ପଠାଯାଇଛି। ନଳକୂପ ଖୋଳିବା ପାଇଁ ଜିଲ୍ଲାପାଳଙ୍କୁ ନେଇ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳ ଯୋଗାଣ ନେଇ ୨୭୨ ମେଗା ପ୍ରକଳ୍ପ ଚାଲିଛି। ସୋଶିଆଲ ମିଡ଼ିଆ ଏବଂ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ବିଭାଗ ପକ୍ଷରୁ ଏହାକୁ ନେଇ ବିଭାଗ ପକ୍ଷରୁ ମନିଟରିଙ୍ଗ କରାଯାଉଛି। ସେହି ଆଧାରରେ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାଏକ କହିଛନ୍ତି ।

# ସହରର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କ ସହ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭଦ୍ରକ,୨୮/୪(ନି. ପ୍ର): ଭଦ୍ରକ ସହରର ବିଭିନ୍ନ ସମସ୍ୟାକୁ ନେଇ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନର ପଦସ୍ଥ ଅଧିକାରୀଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ ,ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପତ,ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ସରୋଜ ଦତ, ଡେପୁଟୀ କଲେକ୍ଟର କାର୍ତିକ ନାଥ ମଣ୍ଡଳ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ବଳ, ପୌର ନିର୍ବାହୀ ଅଧିକାରୀ ତାପସ ସାମଲ, ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଂଟିଆ, ବିଦ୍ୟୁତ୍ ବିଭାଗ (ଟି ପି ଏନ ଓ ଡ଼ି ଏଲ ) ଅଧିକ୍ଷଣ ଯନ୍ତ୍ରୀ,ଗ୍ରାମ୍ୟ ଉନ୍ନୟନ ବିଭାଗ ୧ ଅଧିକ୍ଷଣ ଯନ୍ତ୍ରୀ,ପୂର୍ତ ବିଭାଗ ର ଅଧିକ୍ଷଣ ଯନ୍ତ୍ରୀ ସମେତ ଅନ୍ୟ ବିଭାଗ ର ମୁଖ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ବିଶେଷ କରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଢ଼ କରିବା,ଗୋଚାଲାଣ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା,କୋଇଲା ଏବଂ ଧଳା ଜହର ବେପାରୀ ଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଜବର ଦଖଲ ଉଚ୍ଛେଦ ଭଳି ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସହରାଂଚଳ ସୌନ୍ଦର୍ଯ୍ୟ କରଣ ଏବଂ ମୁଖ୍ୟ ରାସ୍ତା ପ୍ରଶସ୍ତି କରଣ ନିମନ୍ତେ ବିଶେଷ ଦୃଷ୍ଟି ଆକର୍ଷଣ କରିବା ପାଇଁ ମିଳିତ ଭାବେ ପୌରପାଳିକା ଏବଂ ପୂର୍ତ ବିଭାଗ ସହିତ ଆଲୋଚନା ହୋଇଥିଲା। ବର୍ଷା ଋତୁ ପୂର୍ବରୁ ସମସ୍ତ ମୁଖ୍ୟ ନାଳ ସହିତ ନାଜର ନାଳ ର ସଫେଇ ଏବଂ ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବିଭାଗ ସହିତ ବିଶେଷ ଆଲୋଚନା ହୋଇଥିଲା। ଭଦ୍ରକ ର ଜୀବନ ରେଖା କୁହାଯାଉଥିବା ସାଳନ୍ଦୀ ନଦୀର ପୁନରୁଦ୍ଧାର ଓ ନଦୀ ଘାଟର ସୌନ୍ଦର୍ଯ୍ୟୀକରଣ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କର ଆଲୋଚନା ହୋଇଥିଲା।ଉଚ୍ଛେଦ ହୋଇଥିବା ଦୋକାନୀ ମାନଙ୍କୁ ଭେଣ୍ଡିଙ୍ଗ ଜୋନ ଏବଂ ମାର୍କେଟ କମ୍ପ୍ଲେକ୍ସ ମାଧ୍ୟମରେ ଥଇଥାନ ନିମନ୍ତେ ବିଶେଷ ଧ୍ୟାନ ଦେବା ସହ ସ୍ଥାନ ନିରୂପଣ କରିବାକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଉଚ୍ଚ ପଦାଧିକାରୀଙ୍କ ସମେତ ଭଦ୍ରକ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଜିଲା ପରିଷଦ ସଦସ୍ୟ ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଶା ପ୍ରାନ୍ତୀୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

ଜୟପୁର,୨୮/୪(ନି. ପ୍ର): ଜୟପୁର ଜୟପୁର ଅରବିନ୍ଦ ନଗର ସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଯୋଗ ମହୋତ୍ସବ ସମିତି, ଓଡିଶାର ପ୍ରାନ୍ତିୟ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଆଜି ଭୋର ୫ଟା ୩୦ ମିନିଟରେ ଆରମ୍ଭ ହୋଇ ଅପରାହ୍ନ ୧ଟା ସମୟରେ ଶେଷ ହୋଇଛି । ଏଥିରେ ଓଡିଶା ପ୍ରଶ୍ଚିମ ପ୍ରାନ୍ତର କୋରାପୁଟ ସମେତ ୬ ଗୋଟି ଜିଲାରୁ ସଂଯୋଜକ ଓ ଅନ୍ୟ ପ୍ରଶିକ୍ଷକଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇ ପ୍ରଶିକ୍ଷକ ତାଲିମ ଗ୍ରହଣ କରିଥିଲେ । ଏହି ଶିବିରରେ ଯୋଗ ଦେଇଥିବା ବିଭିନ୍ନ ପ୍ରତିନିଧି ମାନଙ୍କୁ ଭାରତୀୟ ଯୋଗ ଦର୍ଶନର ଅମୁଲ୍ୟ ଐତିହ ବିଷୟରେ ଅବଗତ କରାଇବା ସହ ଯୋଗର ବହୁଳ ପ୍ରଚାର ଓ ପ୍ରସାର କରିବା ସମାଜ ଓ ପୁରପଲ୍ଲୀରେ ଯୋଗ ଓ ଅନୁଶାସନ ଶିକ୍ଷା ଦେବା ସହ ଯୋଗ ଦ୍ୱାରା ଜନ ସାଧାରଣଙ୍କୁ ସୁସ୍ଥ ରଖିବା ଏବଂ ଆଧାତ୍ମିକ ମାର୍ଗ ପ୍ରତି ଆକର୍ଷଣ କରାଇବା ଏବଂ ଏହା ସହ ଯୋଗ ମହୋତ୍ସବ ସମିତି, ଓଡିଶାର ସଂଗଠନ କୁ ଆହୁରି ମଜବୁତ କରାଇବା ପାଇ ପ୍ରତିନିଧି ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

ଏଥିରେ ଯୋଗ ମହୋତ୍ସବ ସମିତିର ପ୍ରାନ୍ତିୟ ଅଧିକାରି ସାଧାରଣ ସମ୍ପାଦକ ଦେବ କାନ୍ତ ବେହେରା, ପ୍ରଶିକ୍ଷଣ ପ୍ରମୁଖ ସରୋଜ କାନ୍ତ ମହାପାତ୍ର, ପ୍ରାନ୍ତ ସଂଯୋଜକ ଅମିୟ ଦାସ. ଜିଲା ସଂଯୋଜକ ସୁରେଶ ନନ୍ଦ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ମନରଞ୍ଜନ ପ୍ରଧାନ, ଜାନକି ପାଣିଗ୍ରାହୀ ଉପସ୍ଥିତ ରହି ଯୋଗ ବିଷୟ ରେ ସଚେତନ କରିଥିଲେ ।

# ଭାରତ ଧର୍ମଶାଳା ନୁହେଁ, ଭୋଟ ପାଇଁ ଦେଶକୁ ବିକିବା ଆଦୌ ଠିକ୍ ନୁହେଁ: ବାବୁ ସିଂ

ଭୁବନେଶ୍ୱର,୨୮/୪(ନି. ପ୍ର): ଓଡ଼ିଶାରେ ଥିବା ପାକିସ୍ଥାନୀଙ୍କ ଆଧାର କାର୍ଡ, ଭୋଟ ଆଇଡି କାର୍ଡ ହେବା ନେଇ ବିଜେପି ବିଧାୟକ ବାବୁ ସିଂ ଉଠାଇଛନ୍ତି ପ୍ରଶ୍ନ। ଭାରତ ଧର୍ମଶାଳା ନୁହେଁ। ଭୋଟ ପାଇଁ ଦେଶକୁ ବିକିବା ଆଦୌ ଠିକ୍ ନୁହେଁ। ଆଗ ମାଟି ତାପରେ ମନ୍ତ୍ରୀ, ବିଧାୟକ କଥା ଆସୁଚି। ଭୋଟ ପାଇଁ ମାଟି କୁ ବିକିବା ନୈତିକତା ର କଥା ନୁହେଁ। ଆମେ ଏକତ୍ରିତ ହୋଇ ଯେଉଁମାନେ ବାହାରୁ ଆସିଛନ୍ତି ତାଙ୍କୁ ବିତାଡିତ କରିବାରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସରକାରଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରାଇ ତାଙ୍କୁ ବହିଷ୍କାର କରିବା। ଏହା ସମସ୍ତଙ୍କର ଦାୟିତ୍ୱ। ଅନ୍ୟପଟେ କେନ୍ଦ୍ର ସରକାର ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି ଯେଉଁଠି ପାକିସ୍ଥାନୀ ନାଗରିକ ମାନେ ଭିସା କିମ୍ବା ବିନା ଭିସାରେ ରହିଛନ୍ତି ସେମାନଙ୍କୁ ବାହାର କରାଯିବ। ଆମ ଦେଶ ଏକ ଆଶ୍ରୟସ୍ଥଳ ନୁହେଁ। ଆମ ଦେଶ ବାହାର ଦେଶର ଲୋକଙ୍କୁ ରଖିବା ଭୁଲ। ଦ୍ୱିତୀୟରେ ଏଠାକୁ ଆସି ଯେପରି ଅଶାନ୍ତି ସୃଷ୍ଟି କରୁଛନ୍ତି ତାହା ଗ୍ରହଣୀୟ ନୁହେଁ। ପାକିସ୍ଥାନୀ ହୁଅନ୍ତୁ କୁ ବାଂଲାଦେଶୀ ହୁଅନ୍ତୁ ଆମ ଦେଶକୁ ଛାଡି ଯିବା ଉଚିତ୍। ଯଦି ଛାଡି କୁ ନଯାଉଛନ୍ତି ରାଜ୍ୟ କେନ୍ଦ୍ର ସରକାର ମିଳିତ ସହଯୋଗ ରେ ତାଙ୍କୁ ତାଙ୍କ ଦେଶକୁ ପଠେଇ ଦେବା ଉଚିତ୍ ବୋଲି କହିଛନ୍ତି ବିଧାୟକ ବାବୁ ସିଂ। ଲୁଚିଥିବା ବିଦେଶୀ ଙ୍କ ବିରୋଧରେ ସେମାନଙ୍କ ବିରୁଦ୍ଧ ରେ ଦଣ୍ଡ ବିଧାନ ହେବା ଉଚିତ୍। ବିଭିନ୍ନ ବସ୍ତି ରେ ଯାଞ୍ଚ ହେବା ଉଚିତ୍। ବିଶେଷ କରି ୩ ନମ୍ବର ମାଳି ସାହି ବସ୍ତିରେ ଲୁଚି ରହୁଛନ୍ତି।

# ଉନ୍ନୟନ କାର୍ଯ୍ୟକୁ ନେଇ ମୁହାଁମୁହିଁ ପରିସ୍ଥିତି

ଭଦ୍ରକ,୨୮/୪(ନି. ପ୍ର): ଭଦ୍ରକ ପୌରପାଳିକା ୩୦ ନଂ ୱାର୍ଡରେ ଉତରବାହିନୀ ସୀମାନ୍ତ ଅଂଚଳର ଏକ ରାସ୍ତା କାର୍ଯ୍ୟକୁ ନେଇ ରାଜନୈତିକ ଦଳର ଉଭୟ ଗୋଷ୍ଠୀ ମୁହାମୁହିଁ ହୋଇଛନ୍ତି। ତେବେ ଏଭଳି ପରିସ୍ଥିତି କେବଳ ଏହି ୱାର୍ଡରେ ନୁହେଁ ଗ୍ରାମାଂଚଳ ଠାରୁ ଆରମ୍ଭ କରି ସହରାଂଚଳ ଯାଏ ସବୁଠି ଶାସକ ଦଳ ଓ ବିରୋଧୀ ଦଳ କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇ ଶୀତଳ ଯୁଦ୍ଧରୁ ସଂଘର୍ଷର ରୂପ ନେଉଛି। ଯାହା ଜିଲା ପୁଲିସ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହେଉଛି। ଆଜି ଭଦ୍ରକ ପୌରପାଳିକା ୩୦ ନମ୍ବର ୱାର୍ଡ଼ରେ ଉତରବାହୀନି ସୀମାନ୍ତ ଅଂଚଳରେ ରାସ୍ତା କାର୍ଯ୍ୟାକୁ ନେଇ ଉଭୟ ଗୋଷ୍ଠୀ ଭିତରେ ମୁହାଁମୁହିଁ ଅବସ୍ଥା ହୋଇଥିଲା। ଗୋଟିଏ ପକ୍ଷ ଅନ୍ୟ ପକ୍ଷ ସହ ଉଚ୍ଚବାଚ ପରେ ଗଣ୍ଡଗୋଳ ଭଳି ସ୍ଥିତି ଦେଖାଦେଇଥିଲା। ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରି ନିର୍ଦ୍ଦିଷ୍ଟ ଦଳର ସଦସ୍ୟ ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଥିଲେ । ଠିକାଦାର ଜାଣିଶୁଣି ଖରାପ କାମ କରୁଥିବା ଅଭିଯୋଗ ଆଣିଥିଲେ । ଘଟଣାକୁ ନେଇ ସମ୍ପୃକ୍ତ ଠିକାଦାର ବି ସଂଘାତିକ ବୟାନ ଦେଇଛନ୍ତି। ସେ କହିଛନ୍ତି, ସରକାରୀ ନିୟମ ଅନୁଯାୟୀ କାମ କରୁଛି । ନିଜ ଅଂଚଳର ବୋଲି ମଜବୁତ ରାସ୍ତା ତିଆରି କରୁଛି । ଯେଉଁମାନେ ଅଭିଯୋଗ ଆଣିଛନ୍ତି, ସେମାନେ ରାମନବମୀ ଉପଲକ୍ଷେ ଚାନ୍ଦା ମାଗିଥିଲେ। ସାର୍ବଜନୀନ ଅନୁଷ୍ଠାନ ବୋଲି କିଛି ଅର୍ଥ ସହଯୋଗ କରିଥିଲେ। ପୁଣି ମୋତେ ୨୦ ହଜାର ଟଙ୍କା ମାଗିଛନ୍ତି। ଏହି ଅର୍ଥ ଦେବା ମୋ ପକ୍ଷେ ସମ୍ଭବ ନୁହଁ । କାରଣ ଭଲ କାମ କରୁଛି। କାମର କିଛି - ଖିଲାପୀ ନାହିଁ । ଅର୍ଥ କ'ଣ ପାଇଁ ଦେବି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସେଠାରେ ଚାପା ଉତେଜନା ସ୍ଥିତି ଲାଗି ରହିଛି । ସାଳନ୍ଦୀ ଜଳ ସମ୍ପଦ ବିଭାଗ ପକ୍ଷରୁ ସାଳନ୍ଦୀ ନଦୀ ବନ୍ଧର ପିଚୁ କାର୍ଯ୍ୟ ନିମନ୍ତେ ୨ କୋଟି ଟଙ୍କାର ମଞ୍ଜୁର କରାଯାଇଛି ।୩୦ ନମ୍ବର ୱାର୍ଡ଼ ଉତରବାହୀନି ସାଳନ୍ଦୀ କଲେଜ ପାଖରୁ ଏହି ରାସ୍ତା ବାହାରି ଭବାନି ବିନ୍ଧା ବାରିଣୀ ଯାତ୍ରା ପଡ଼ିଆ କଲଭର୍ଟ ପର୍ଯ୍ୟନ୍ତ ଯାଇଛି । ୨ ବର୍ଷ ହେଲା କାମ ଚାଲିଛି। ମାଟି ଉପରେ ପିଚୁ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ବିନା ରୋଲିଂରେ କାମ କରାଯାଉଛି । ଯାହା ନିୟମ ବାହାରେ ବୋଲି ସ୍ଥାନୀୟ ଯୁବକ ସାର୍ଥକ କୁମାର ପରିଡ଼ା କହିଛନ୍ତି। ତୁରନ୍ତ ଉକ୍ତ ରାସ୍ତାର ଉନ୍ନୟନ କାର୍ଯ୍ୟ ଠିକ ଭାବେ କରିବାକୁ ଦାବି ହୋଇଛି । ଅପରପକ୍ଷେ ନିମ୍ନମାନର କାମ ହେଉଥିବା ଅଭିଯୋଗ ଆଣିବାରୁ ଠିକାଦାର ଚାନ୍ଦା ମାଗିବା ନେଇ ମିଥ୍ୟାରୋପ ଆଣୁଛନ୍ତି ବୋଲି ସେ କହିଛନ୍ତି।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୮/୪(ନି. ପ୍ର): ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ପହଲଗାଓଁଠାରେ ଆତଙ୍କବାଦୀ ଆକ୍ରମଣ ରେ ନିହତ ହୋଇଥିବା ନିରୀହ ପର୍ଯ୍ୟଟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । କେନ୍ଦ୍ରାପଡ଼ା ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ପହଲଗାଓଁ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ କାଶ୍ମୀରର ପହଲଗାଓଁଠାରେ ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ନିରୀହ ପର୍ଯ୍ୟଟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

# ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ କଂଗ୍ରେସ

ଭୁବନେଶ୍ୱର,୨୮/୪(ନି. ପ୍ର): ରାଜ୍ୟରେ ହୁ ହୁ ହୋଇ ବଢୁଥିବା ନାରୀ ନିର୍ଯ୍ୟାତନାକୁ ନେଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ଏକ ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ନାରୀ ନିର୍ଯ୍ୟାତନା ପାଇଁ ଗଠିତ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ଶ୍ରୀ ନଗେନ୍ଦ୍ର କୁମାର ପ୍ରଧାନ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଗତ ଫେବୃଆରୀ ୨୧ ତାରିଖରୁ ଆଜି ମଧ୍ୟରେ ଶତାଧିକ ନା ବାଳିକା ମାତୃତ୍ୱ ଲାଭ କରିବା ଏବଂ ନିରୀହ ଶିଶୁମାନେ ଦୁଷ୍କର୍ମ ଓ ହତ୍ୟାର ଶିକାର ହେବା ଆଜି ରାଜ୍ୟରେ ଏକ ସାଧାରଣ ଘଟଣାରେ ପରିଣତ ହୋଇଅଛି । ମୋହନ ମାଝୀଙ୍କ ୧୦ ମାସର ସରକାରରେ ପ୍ରାୟ ୨ ହଜାରରୁ ଅଧିକ ନାରୀ ନିର୍ଯ୍ୟାତନା ଓ ହତ୍ୟା ମାମଲା ଓଡ଼ିଶାର ବିଭିନ୍ନ ଥାନାରେ ରୁଜୁ ହୋଇଅଛି । ଗତ ୨୫ ତାରିଖରେ ଗଞ୍ଜାମ ଜିଲ୍ଲାର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୁଳ ଜିଲ୍ଲାର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ ପରେ ହତ୍ୟ ଘଟଣା ହେଉ କିମ୍ବା ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣଦୁଷ୍କର୍ମ ଘଟଣା ହେଉ ଏହା ମୋହନ ମାଝୀ ସରକାରଙ୍କର ଅପାରଗ ପଣିଆକୁ ଦର୍ଶାଉଅଛି । ଗତ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣା ହେଉ କିମ୍ବା ଯାଜପୁର ଜିଲ୍ଲାର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦିତୀୟଦିନ ୨୩ ଫେବୃଆରୀରେ ଜନୈକ ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ହେଉ ଏହା ସରକାରଙ୍କର ଆଇନକାନୁନ ରକ୍ଷା କରିବାରେ ବିଫଳତାକୁ ପ୍ରମାଣିତ କରୁଅଛି । ସେହିପରି ଗତ ୮ ମାର୍ଚ୍ଚରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଥାନା ଅଞ୍ଚଳରେ ଏକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣା ହେଉ କିମ୍ବା ଯୁକ୍ତ ଦୁଇ ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ଶିକ୍ଷକଙ୍କର ଦୁର୍ବ୍ୟବହାରରେ ମାନସିକ ଆଘାତ ପାଇ ଆତ୍ମହତ୍ୟା କରିବା ଘଟଣା ହେଉ ଏହା ପ୍ରମାଣିତ କରୁଅଛି ଯେ ଓଡ଼ିଶାର ଦକ୍ଷିଣ ପ୍ରାନ୍ତରୁ ଉପକୂଳ ପ୍ରାନ୍ତ ନେଇ ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ମହିଳା ଓ ନାବାଳିକାମାନେ ସୁରକ୍ଷିତ ନୁହନ୍ତି । ଗୋଟିଏ ଧାଡ଼ିରେ କହିଲେ ମୋହନ ମାଝୀ ସରକାର ଗତ ୧୦ ମାସ ମଧ୍ୟରେ ଓଡ଼ିଶାର ମା' ଓ ଭଉଣୀମାନଙ୍କ ପାଇଁ ଏକ ବିଷବୃକ୍ଷ ସଦୃଶ ପ୍ରତୀୟମାନ ହୋଇଅଛି। ଏଣୁ ଏ ସରକାରରୁ ଅଧିକା କିଛି ଆଶାନକରି ଓଡ଼ିଶାର ମା' ଭଉଣୀମାନେ ନିଜର ଆତ୍ମରକ୍ଷା ତଥା ଆତ୍ମ ମର୍ଯ୍ୟାଦା ନିଜେ ସୁରକ୍ଷିତ ରଖିବାପାଇଁ ଚେଷ୍ଟା କରିବା ଉଚିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଯେହେତୁ ଓଡ଼ିଶା ପୋଲିସ ଦୁଷ୍କର୍ମକାରୀ ଓ ହତ୍ୟାକାରୀ ମାନଙ୍କ ବିରୁଦ୍ଧରେ କଠୋର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଉଛି ଏହାର ସୁଯୋଗ ନେଇ ଅପରାଧୀମାନେ ଏପରି ଘଟଣା ବାରମ୍ବାର କରିବାକୁ ସାହସ କରୁଛନ୍ତି ଏବଂ ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନମିଳିଛି ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଲଢ଼େଇ ଜାରି ରଖିବ ବୋଲି କମିଟିର ସଦସ୍ୟ ଆଡଭୋକେଟ ମାନସ ମଲ୍ଲିକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସ ନେତା ଦେବାଶିଷ ନାୟକ, ଅନିମା ମିଞ୍ଜ, ଅମ୍ରିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମରା ମନକୀ ବାତ୍ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି

ଭଦ୍ରକ,୨୮/୪(ନି. ପ୍ର): ଭଦ୍ରକ ଜିଲା ଧାମରା ରେ ଥିବା ଜେ ଜେ ରିସର୍ଟ ଠାରେ ପ୍ରଧାନମନ୍ତ୍ରୀଙ୍କ ମନକୀବାତ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ମନ କି ବାତ କାର୍ଯ୍ୟକ୍ରମ ମାଧ୍ୟମରେ ପହଲଗାଓଁ ଆତଙ୍କବାଦୀ ଆକ୍ରମଣର ପିଡୀତାଙ୍କ ପରିବାରକୁ ନିଶ୍ଚୟ ନ୍ୟାୟ ମିଳିବା ନେଇ ଦୃଢୋକ୍ତି ପ୍ରକାଶ କରିବା ସହଏହି ଘଟଣା ପଛରେ ଥିବା ଆତଙ୍କବାଦୀ ଏବଂ ଏହା ପଛରେ ଥିବା ଷଡଯନ୍ତ୍ରକାରୀ ଙ୍କ ବିରୁଦ୍ଧର କେବଳ ଭାରତ ନୁହେଁ ବିଶ୍ୱ ବ୍ୟାପୀ ନିନ୍ଦା ପ୍ରସ୍ତାବ ମଧ୍ୟ ଆସିଥିଲା। ଧାମରାରେ ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲ ଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ,ପଂଚାୟତର ଗ୍ରାମବାସୀ, ସରପଂଚ ଏବଂ ବିଜେପି କର୍ମକର୍ତା ଓ ବୁଦ୍ଧିଜିବୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ରେ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀ ଦେଇଥିବା ଟିପଣୀ ଶୁଣି ଉତ୍ସାହିତ ହୋଇ ଧନ୍ୟବାଦ ଜଣାଇଛନ୍ତି। ମନ କି ବାତରେ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା, ବିଜ୍ଞାନ କାରିଗରୀ, ଚାରା ରୋପଣ, ଇଂରେଜ ମାନଙ୍କ ଅତ୍ୟାଚାର ,ଦେଶର ବିଭିନ୍ନତା ଆଦି ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଆଜି ହୋଇଥିବା ଏହି ମନ କି ବାତ କାର୍ଯ୍ୟକ୍ରମରେ ବିଜେପି ବରିଷ୍ଠ ନେତା ଅଜୟ ନାୟକ, ଦେବେନ୍ଦ୍ର ନାୟକ, ପାପା ଜେନା,ପ୍ରଦ୍ୱୀପ ରାଉତ, ପିତାମ୍ବର ଦାସ, ଟୁଲୁ ପ୍ରଧାନ, ଅତୁଲ ଜାନା, ଚନ୍ଦ୍ର ଶେଖର ଜେନା, ପ୍ରଦ୍ୱୀପ ବେହେରା, ସନାତନ ସାହୁ, କାର୍ତିକ ଗୁଡିଆ, ଅବଦୁଲ ଆହେଦ ଖାନ, ରବିନ୍ଦ୍ର ବାରିକ ,ନରହରି ମଲିକ,ଗଣେଶ ଦାସ ଙ୍କ ସମେତ ଧାମରା, ବାଂଶଡା, କଇଥଖୋଲା, ଜାଗୁଳା, ଦୋସିଙ୍ଗା, କରଞ୍ଜମାଳ, କରଣପଲ୍ଲୀ ଏବଂ ପଂଚୁଟିକ୍ରି ପଂଚାୟତର ଶତାଧିକ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ତେଲ ମାଲିସ୍‌ର ଆବଶ୍ୟକତା

**ଶରୀରରେ ତେଲ ମାଲିସ୍ କରିବା ଦ୍ୱାରା ଶରୀର ଶକ୍ତିଶାଳୀ ଓ ଚର୍ମ କୋମଳ ହୋଇଥାଏ । ଶରୀରରେ ତେଲ ଲଗାଇବା ପୂର୍ବରୁ ପ୍ରଥମେ ଶୁଖିଲା ଲୁଗା ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଭଲଭାବେ ମାଲିସ୍ କରିବା ଦରକାର । କାରଣ ତେଲ ଲଗାଇବା ପୂର୍ବରୁ ଶରୀରର ଲୋମକୋଷଗୁଡ଼ିକ ବନ୍ଦ ଥାଏ । ଏହା କରିବା ଦ୍ୱାରା ଲୋମକୋଷ ଖୋଲିଥାଏ ।**

ନିୟମିତ ତେଲ ମାଲିସ୍ ଦ୍ୱାରା ଶରୀରର କୌଣସି ଅଙ୍ଗ କେବେ ହେଲେ କୁଣ୍ଡାଇ ହୋଇ ନଥାଏ । ଶରୀରକୁ ବାତ ପ୍ରକୋପରୁ ହେବାକୁ ଥିବା ରୋଗରୁ ବଂଚାଇଥାଏ । ଚର୍ମ ବାତରେ ସ୍ଥାନ ହୋଇଥାଏ । ଚର୍ମରେ ଲୋମ କୋଷ ଅଧିକ ଥିବା କାରଣରୁ ପିତ ଗରମ ରହିଥାଏ । ଏହି ଗରମ କାରଣରୁ ଚର୍ମରେ ଲଗାଯାଇଥିବା ତେଲ ଶରୀରରେ ମିଶିଯାଇ ବାତକୁ ଶାନ୍ତ କରିଥାଏ । ଏହାଦ୍ୱାରା ମୟ ପୂର୍ବରୁ ବୃଦ୍ଧାବସ୍ଥା, ଥକ୍କାଲାଗିବା, ଚର୍ମ



ଉପରି ଭାଗରେ ଥିବା ଚର୍ମ ଫାଟିବା ଏବଂ ବାତ ଜନିତ ସମସ୍ତ ରୋଗ ଦୂର ହୋଇଥାଏ । ମୁଣ୍ଡ, ଆଖି, କାନ ଆଦି ଇନ୍ଦ୍ରିୟ ବଳଶାଳୀ ହୋଇଥାଏ । କେଶ ଲମ୍ବା, କଳା ଓ ମଜବୁତ ହୋଇଥାଏ ମୁଣ୍ଡରେ ରୂପି ସମସ୍ୟା ଦୂର ହୋଇଥାଏ । ଚେହେରାରେ ଚର୍ମର ତେଜ କୁଂଚାହେବା, ଚର୍ମର ଶୁଷକତା ଆଦି ରୋଗ ଦୂର ହୋଇଥାଏ । ଦୃଷ୍ଟିନିର୍ମଳ, ଶରୀର ପୃଷ୍ଟ, ଚର୍ମ କୋମଳ ଓ ଆକର୍ଷକ ବନିଯାଇଥାଏ । ଶରୀର ଦୁର୍ଗନ୍ଧ, ମଇଳା କୁଣ୍ଡାଇହେବା ଝାଳରୁ ବାହାରୁଥିବା ଗନ୍ଧ, ଭାରୀପଣଓ ନିସ୍ତେଜତା ଦୂର ହୋଇଯାଏ । ତେଲ ମାଲିସ କରାଯିବା ସହିତ ସୂର୍ଯ୍ୟ କିରଣରେ ତେଲ ମାଲିସ୍ କଲେଶୀଘ୍ର ତେଲ ଶରୀରରେ ମିଶିଯାଇଥାଏ । ଶରୀରରେ ପାଦରୁ ମସ୍ତିଷ୍କ ଆଡ଼କୁ କରିବା ଦ୍ୱାରା ରକ୍ତ ସଂଚାଳନ ଉର୍ଦ୍ଧ୍ୱଗାମୀ ହୋଇଥାଏ । ଦିନର ଅନ୍ୟ ସମସ୍ତ ସମୟ ରକ୍ତ ସଂଚାଳନ ନିମ୍ନଗାମୀ ହୋଇଥାଏ । କିନ୍ତୁ ମାଲିସ୍ କଲେ ମସ୍ତିଷ୍କ ଓ ହୃଦୟ ଆଡ଼କୁ ରକ୍ତର ଉପଯୁକ୍ତ ପ୍ରବାହ ସୁନିଶ୍ଚିତ ହୋଇଥାଏ । ପେଟର ମାଲିସ ହୃଦୟ ଆଡ଼କୁ କରାଯାଇଥାଏ । ତେଲ ମାଲିସ କରିବା ଦ୍ୱାରା ଚର୍ମର ସମସ୍ତ ରୋଗ ଦୂର ହେବା ସହିତ ମାଂସପେଶୀ ଓ ଅସ୍ଥି ମଜବୁତ ହୋଇଥାଏ । ସ୍ନାୟୁତନ୍ତ୍ର ଓ ନାଡ଼ିତନ୍ତ୍ର, ଦୁର୍ବଳତା ଓ ସନ୍ଧିବାତ ଦୂର ହୋଇଥାଏ । ପ୍ରତ୍ୟହ ସ୍ନାନପୂର୍ବରୁ ତେଲ ମାଲିସ୍ ନିଶ୍ଚିତ କରିବା ଦରକାର । ତେଲ ମାଲିସ ପାଇଁ ଶୁଦ୍ଧ ସୋରିଷ ତେଲଏବଂ ରାଶି ତେଲ ସର୍ବୋତ୍ତମ ହୋଇଥାଏ ।





**ମୁଣ୍ଡରେ ତେଲ ଲଗାଇବା:**

ମୁଣ୍ଡରେ ପ୍ରତ୍ୟେକ ଦିନ ତେଲ ଲଗାଇଲେ ମୁଣ୍ଡ ଜନିତ ଥିବା ରୋଗ ଦୂର ହୋଇଥାଏ । ମୁଣ୍ଡରେ ତେଲ ଲଗାଇବା ପାଇଁ ନଡ଼ିଆ ତେଲ, ସୋରିଷ ତେଲ, ରାଶି ତେଲ ଆଦି ସର୍ବୋତ୍ତମ ହୋଇଥାଏ । ନଡ଼ିଆ ତେଲ ଶୀତଳ ହୋଇଥିବା କାରଣରୁ ତାହାର ପ୍ରୟୋଗ ଗରମ ଦିନରେ କରିବା ଦରକାର । ମୁଣ୍ଡରେ ଲେ ଲଗାଇବା ପୂର୍ବରୁ ପ୍ରଥମେ ଅଙ୍ଗୁଳି ଦ୍ୱାରା ହାଲକା ସାଲିସ କରିବାକୁ ପଡ଼ିଥାଏ । ନିୟମିତ ମୁଣ୍ଡରେ ତେଲ ଲଗାଇଲେ କେଶ ଝଡ଼ିବା, ପାଚିବା, ମୁଣ୍ଡ ମଝିରେ କେଶ ଝଡ଼ିବା, ମୁଣ୍ଡବିନ୍ଧା, ମୁଣ୍ଡର ଆସିଥାଏ । ରାଶି ତେଲ ମୁଣ୍ଡରେ ଲଗାଇଲେ ନିଦ ଭଲହୁଏ । ମୁଣ୍ଡରେ ଚର୍ମ ଜନିତ ସମସ୍ତ ରୋଗ ସମୂଳେ ନାଶ ହୋଇଥାଏ ।

**ପାଦରେ ତେଲ ଲଗାଇବା:**

ପାଦରେ ପ୍ରତିଦିନ ତେଲ ଲଗାଇବା ଦ୍ୱାରା ବହୁତ ଲାଭ ହୋଇଥାଏ । ଏହାଦ୍ୱାରା ପାଦର ଶୁଷ୍କତା, ପାଦ ଫାଟିବା, ପାଦରେ ଶିଥିଳତା, ଥକ୍କାପଣ, ପାଦରେ ରକ୍ତ ବହିବା ଓ ସ୍ନାୟୁତନ୍ତ୍ରରେ ଜଟିଳତା, ସିୟାଟିକା ଓ ବାତ ଜନିତ ରୋଗ ଦୂର ହୋଇଥାଏ । ପାଦର ବୃଦ୍ଧାଙ୍ଗୁଠି ଦୁଇଟିରେ ତେଲ ଲଗାଇଲେ ଆଖିର ଦୃଷ୍ଟିଶକ୍ତି ବୃଦ୍ଧି ହେବା ସହିତ ବୃଦ୍ଧାବସ୍ଥାରେ ଆଖିର ଜ୍ୟୋତି କମି ନଥାଏ । ଏହି ବୈଜ୍ଞାନିକ କାରଣରୁ ପୂର୍ବରୁ ଆମର ବିଦ୍ୱାନଗଣ ଧର୍ମର ଅଙ୍ଗ ମାନି ଶୌଚ ପରେ, ମୂତ୍ରତ୍ୟାଗ ପରେ, ଭୋଜନ ପୂର୍ବରୁ ପାଦ ଧୋଇ ପୋଛିଥାନ୍ତି ଓ ପୋଛି ସାରି ପାଦରେ ତେଲ ମାଲିସ କରି ସ୍ନାନ କରନ୍ତି । ରାତିରେ ପାଦରେ ତେଲ ଲଗାଇ ଶୋଇଲେ ଶରୀରର ଥକ୍କା ଦୂର ହେବା ସହିତ ନିଦ୍ରା ହୋଇଥାଏ ।

# ଷ୍ଟ୍ରୋକ ଓ ପାରାଲିସିସ୍

**ଷ୍ଟ୍ରୋକ ଓ ପାରାଲିସିସ୍ ଆଜିକାଲି ଏକ ସାଧାରଣ ରୋଗ ହେଲାଣି । ଭାରତରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବେଶି ଯେ, ଭାରତକୁ ଷ୍ଟ୍ରୋକ ରୋଗର ରାଜଧାନୀ କୁହାଯାଇଛି ।**



ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାନରୀଗଣନାନୁସାରେ, ପୃଥିବିରେ ବର୍ଷକୁ ଦେଢ଼କୋଟି ଲୋକ ନୂତନ ଷ୍ଟ୍ରୋକ ରୋଗ ଭୋଗ କରନ୍ତି । ସେଥିରୁ ୫୦ଲକ୍ଷ ଲୋକ ପ୍ରାଣ ହରାଇଥିବା ବେଳ ୫୦ଲକ୍ଷ ଲୋକ ବିଭିନ୍ନ ପାରାଲିସିସ ରୋଗ ଭୋଗ କରନ୍ତି ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଅଚଳ ହୋଇପଡ଼ନ୍ତି । ଆଧୁନିକ ଚିକିତ୍ସା ବଳରେ ଅବଶିଷ୍ଟ ୫୦ଲକ୍ଷ ଲୋକଭଲ ହୋଇଥାନ୍ତି । ବର୍ତ୍ତମାନ ଅଚଳ ହୋଇପଡ଼ିଥିବା ପ୍ରାୟ ଛଅକୋଟି ଲୋକ ପୃଥିବୀରେ ଅଛନ୍ତି । ଏହି ସଂଖ୍ୟା ଓଡ଼ିଶା ଲୋକସଂଖ୍ୟାର ପ୍ରାୟ ଦେଢ଼ଗୁଣ । ପୃଥିବୀରେ ପ୍ରତି ତେତିଶ ସେକେଣ୍ଡରେ ଜଣେ ଷ୍ଟ୍ରୋକ ରୋଗ ଭୋଗ କରନ୍ତି ଏବଂ ପ୍ରତି ତିନି ମିନିଟରେ ଜଣେ ଲୋକ ପ୍ରାଣ ହରାଇଥାନ୍ତି । ଷ୍ଟ୍ରୋକ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ । ଏଥିରେ ପରିବାର, ସମାଜ ସର୍ବୋପରି ଦେଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ଭାରତରେ ଷ୍ଟ୍ରୋକ ସମ୍ବନ୍ଧୀୟ ପ୍ରତିବର୍ଷ ସରକାରୀ ଖର୍ଚ୍ଚ ପ୍ରାୟ ସାତହଜାରର କୋଟି ଟଙ୍କା ।

ଷ୍ଟ୍ରୋକ କ'ଣ ? ଷ୍ଟ୍ରୋକର ଆକ୍ଷରିକ ଅର୍ଥ ହେଲା ପ୍ରହାର (ମାଡ଼) । ଏହି ମାଡ଼ ପ୍ରକୃତରେ ମସ୍ତିଷ୍କ ଭିତରେ ଥିବା ରକ୍ତବାହୀ ନଳୀର ରକ୍ତ ପ୍ରବାହ ବନ୍ଦ କିମ୍ବାରକ୍ତ ସ୍ରାବ ଯୋଗୁଁ ହୋଇଥାଏ । ମସ୍ତିଷ୍କରେ ଶରୀରର ସବୁ ଅଙ୍ଗ ପାଇଁ ସ୍ନାୟୁବିକ ଅଙ୍ଗ ରହିଛି ।। ମସ୍ତିଷ୍କରେ ରକ୍ତ ପ୍ରବାହର ଅସ୍ୱାଭାବିକତା ଯୋଗୁଁ ଶରୀରର ବିଭିନ୍ନ ଷ୍ଟ୍ରୋକ ଆରମ୍ଭ ହୋଇ ପାରାଲିସିସ ରୋଗ ଭୋଗ କରନ୍ତି ।





ଷ୍ଟ୍ରୋକ ଆରମ୍ଭରେ ସ୍ୱଚ୍ଛ ରକ୍ତ ପ୍ରବାହ କିମ୍ବା ରକ୍ତ ସ୍ରାବ ଯୋଗୁଁ ପ୍ରତି ସେକେଣ୍ଡରେ ମସ୍ତିଷ୍କରେ ପ୍ରାୟ ୩୨ହଜାର କୋଷ ମରିଯାଆନ୍ତି । ତେଣୁ ଷ୍ଟ୍ରୋକ ଚିକିତ୍ସାରେ ଆରମ୍ଭ ଠାରୁ ପ୍ରତି ସେକେଣ୍ଡ ମୂଲ୍ୟବାନ । ଷ୍ଟ୍ରୋକ ପୃଥିବୀରେ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ । ଷ୍ଟ୍ରୋକ ମୁଖ୍ୟ କାରଣ ଗୁଡ଼ିକ ହେଲା

୧. ଉଚ୍ଚରକ୍ତଚାପ (ହାଇପରଟେନସନ)

୨.ମଧୁମେହ(ଡାଇବେଟିସ)

୩. ରକ୍ତରେ କୋଲେଷ୍ଟେରଲ ଓ ଟ୍ରାଇଗ୍ଲିସେରାଇଡ଼ ଭଳି ଚର୍ବିର ମାତ୍ରା ବୃଦ୍ଧି (ଡିସଲିପିଡ଼ିମିଆ)

୪. ହୃତପିଣ୍ଡର ଗତିରେ ଦ୍ରୁତ ପରିବର୍ତ୍ତର୍ୟନ (ଆଟ୍ରିଆଇ ଫ୍ରେିଲେସନ)

୫. ଧୂମପାନ, ନିକୋଟିସନ ସେବନ ଓ ମଦ୍ୟପାନ

୬. ହୃଦଘାତ (ହାର୍ଟ ଆଟାକ)

ପାଶ୍ଚାତ୍ୟ ଉନ୍ନତ ଦେଶରେ ଉଚ୍ଚ ରକ୍ତଚାପ ମଧୁମେହରେ ନିୟନ୍ତ୍ରଣ, ତମାଖୁ ସେବନ ଓ ମଦ୍ୟପାନରୁ ବିରତି, ବ୍ୟାୟାମ ଓ ସୁସ୍ଥ ଜୀବନ ଯାପନ ଷ୍ଟ୍ରୋକର ମାତ୍ରା ବହୁ ପରିମାଣରେ ପ୍ରତିବର୍ଷଁ କମାଇବାରେ ଲାଗିଛି ।

କିନ୍ତୁ ଭାରତରେ ଉଚ୍ଚ ରକ୍ତଚାପ ମଧୁମେହ ନିୟନ୍ତ୍ରଣରେ ରହୁ ନଥିବାରୁ ତମାଖୁ ସେବନ , ମଧ୍ୟପାନ ବଢୁଥିବାରୁ ଏବଂ ଲୋକମାନେ ପରିଶ୍ରମ ବିମୁଖ ହେବାରୁ ଭାରତରେ ଷ୍ଟ୍ରୋକ ସଂଖ୍ୟା ବଢ଼ି ଏହା ଷ୍ଟ୍ରୋକ ରୋଗର ରାଜଧାନୀ କୁହାଗଲାଣି । ଷ୍ଟ୍ରୋକ ହେଲେ ମସ୍ତିଷ୍କ ଆଘାତର ସ୍ଥାନ ଓ ପରିମାଣ ଅନୁସାରେ ଅଧା ଅଙ୍ଗ ଅଚଳ ହୋଇପଡ଼େ । ରୋଗୀ କଥା କହିପାରେ ନାହିଁ । ସ୍ୱର୍ଶ ଶକ୍ତି ନଥାଏ । ଲେଖାପଢ଼ା କରିପାରେ ନାହିଁ । ମନେରଖିବା ଶକ୍ତି ହ୍ରାସ ପାଇଥାଏ । ସ୍ଥାନ କାଳ ପାତ୍ର ବାରିପାରେ ନାହିଁ । ସବୁ ଭୁଲିଯାଏ । ମୁଣ୍ଡ ଭିତରେ ରକ୍ତସ୍ରାବ ହେଲେ ଭୀଷଣ ମୁଣ୍ଡ ବିନ୍ଧିଥାଏ । ରୋଗୀ ଅଚେତ ହୋଇପଡ଼େଡ଼ ।। ଷ୍ଟ୍ରୋକ ହେବାର ପ୍ରଥମ ତିନିରୁ ପାଂଚ ଘଂଟାମଧ୍ୟରେ ବିଳମ୍ବିନାଶ୍ଚ ଟିସୁ ପ୍ଲାଜମିନୋଜେନ ଆକଟିଭେଟର (ଆରଟିପିଏ) ଇଞ୍ଜେକସନ ରୋଗୀଙ୍କୁ ଦିଆଗଲେ ରୋଗୀ ସମ୍ପୂର୍ଣ୍ଣ ଭଲ ହେବାର ସମ୍ଭାବନା ପ୍ରକାଶ ପାଇଥାଏ ।। ଏହା ବ୍ୟତୀତ ଷ୍ଟ୍ରୋକ୍‌ର ମୂଳ କାରଣ ଯଥା ଉଚ୍ଚ ରକ୍ତଚାପ, ମଧୁମେହ, ଆଟ୍ରିୟାଲ ଫିବ୍ରିଲେସନ ଆଦି ଚିକିତ୍ସା କରିବା ଆବଶ୍ୟକ । ଷ୍ଟ୍ରୋକ ପ୍ରାରମ୍ଭରେ ମୁଣ୍ଡର ସିଟି ସ୍କାନ କରି ଏହା ରକ୍ତସ୍ରାବ କିମ୍ବା ଥ୍ରୋମ୍ବୋସିସ ଚିହ୍ନି ସଠିକ ଚିକିତ୍ସା କରିବା ଆବଶ୍ୟକ ।

# ରାତିରେ ଶୋଇବା ପୂର୍ବରୁ କ୍ଷୀର ପିଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ୍

ଆପଣ ଜାଣନ୍ତି ଯେ କ୍ଷୀର ପିଇବା ଶରୀର ପାଇଁ ଖୁବ୍ ଭଲ । ବିଶେଷ କରି କ୍ଷୀରରୁ ମିଳୁଥିବା ପ୍ରୋଟିନ୍ ଓ ଏମିନୋ ଏସିଡ୍ ରାତିରେ ଭଲ ନିଦ୍ରା କରାଏ ବୋଲି ଆମର ବିଶ୍ୱାସ ରହିଛି । ପ୍ରତ୍ୟେକ ଦିନ ୧ ଗ୍ଲାସ୍ କ୍ଷୀର ପିଇବା ଦ୍ୱାରା ଶରୀର ନିରୋଗ ରହିଥାଏ ବୋଲି ଆମେ ଜାଣନ୍ତି । ଆପଣ ଏକଥା ବି ଜାଣନ୍ତି ଯେ କ୍ଷୀରରେ ଭିଟାମିନ୍ ଏ, ବି୨ ଏବଂ ବି୧୨ ଥାଏ । ମାତ୍ର କିଛି ଲୋକ କ୍ଷୀର ପିଇବା ପରେ ନାନା ପ୍ରକାରର ସମସ୍ୟାକୁ ସାମ୍ନା କରିଥାନ୍ତି । ସାଧାରଣତଃ ଅଧିକାଂଶ ଲୋକ ରାତିରେ ଶୋଇବା ପୂର୍ବରୁ କ୍ଷୀର ପିଇ ଶୋଇଥାନ୍ତି । ଶୋଇବା ପୂର୍ବରୁ ଗରମ କ୍ଷୀର ପିଇଲେ ନିଦ ଭଲ ହୋଇଥାଏ ବୋଲି ଆମେ ଜାଣନ୍ତି । ମାତ୍ର ମନେ ରଖନ୍ତୁ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା ହେଉଛି ରାତିରେ ଶୋଇବା ପୂର୍ବରୁ କ୍ଷୀର ପିଇବା ଅନୁଚିତ ।

ହେଲେ କାର୍ଲିଫର୍ଣ୍ଣିଆସ୍ଥିତ ଗ୍ୟାସ୍ଟ୍ରୋଲୋଜି ଡାକ୍ତର ପଲିନଅପ୍ପନ ମଣିକ୍କମ୍ ସୋସିଆଲ୍ ମିଡିଆରେ ପୂର୍ବରୁ ସେୟାର କରିଥିବା ଏକ ଭିଡିଓ ଦେଖିଲେ ଆପଣ ଆଉ ରାତିରେ କ୍ଷୀର ପିଇବାକୁ ଉଚିତ ମଣିବେ ନାହିଁ । ସେ ସେୟାର କରିଥିବା ଭିଡିଓରେ କହୁଥିବାର ଦେଖିବାକୁ ମିଳିଛି ଯେ ୩୦ ବର୍ଷ ପରେ ଶରୀରରୁ ଧୀରେ ଧୀରେ ଲେକ୍ଟେଜ୍ ଏନ୍‌ଜାଇମ୍ ହ୍ରାସ ପାଇବାକୁ ଲାଗେ । ଫଳରେ ଶରୀର କ୍ଷୀରକୁ ହଜମ କରିବାର କ୍ଷମତା ହରାଇବାକୁ ଲାଗେ । ରାତିରେ କ୍ଷୀର ପିଇ ଶୋଇଲେ ଶରୀର ପକ୍ଷେ ତାହାକୁ ହଜମ କରିବା ଆହୁରି କଷ୍ଟକର ହୋଇପଡ଼େ । ଯଦି ଆପଣଙ୍କ ପାଚକ ପ୍ରକ୍ରିୟାରେ କୌଣସି ଅସୁବିଧା ଥାଏ ତ ଆପଣ ଶୋଇବା ପୂର୍ବରୁ କ୍ଷୀର ପିଇବା ଦ୍ୱାରା ଅସୁବିଧା ଆହୁରି ବଢ଼ିଯାଏ । ଏହି କାରଣରୁ ଅତି କମ୍‌ରେ ଶୋଇବାର ୧ ଘଣ୍ଟା ପୂର୍ବରୁ କ୍ଷୀର ପିଇବା ଉଚିତ ।





# ଫେସବୁକ୍ ବ୍ୟବହାରରେ ଭାରତ ୨ୟରେ




ଫେସବୁକ ସୋସିଆଲ ସାଇଟର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ଭାରତୀୟ ବୟସ୍କବର୍ଗଙ୍କ ପ୍ରତି ବିଶେଷ ଭାବେ କୃତଜ୍ଞ । କାରଣ ଅନ୍ୟ ରାଷ୍ଟ୍ରର ବୟୋଜ୍ୟେଷ୍ଠଙ୍କ ତୁଳନାରେ ଭାରତୀୟ ବୟସାଧିକ୍ୟ ଲୋକେ ଅଧିକ ସଂଖ୍ୟାରେ ଫେସବୁକରେ ଆକାଉଣ୍ଟ ଖୋଲିଛନ୍ତି । ୨୦୧୪ରୁ ୨୦୧୬ ଶେଷ ମଧ୍ୟରେ ଫେସବୁକରେ ୨ଲକ୍ଷରୁ ଅଧିକ ବୟସ୍କ ଭାରତୀୟ ଆକାଉଂଟ ଖୋଲିଥିବାର ପ୍ରକାଶ ।ଏ ବାବଦରେ ଫେସବୁକ ତରଫରୁ ସର୍ବେକ୍ଷଣ ମଧ୍ୟ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକଗୋଷ୍ଠୀ ହିଁ ଏହାକୁ ମନୋରଂଜନର ସର୍ବୋତ୍ତମ ମାଧ୍ୟମ ବୋଲି କହିଥିଲେ । ଚେନ୍ନାଇ, ଦିଲ୍ଲୀରେ ରହୁଥିବା ବୟସାଧିକ୍ୟ ଲୋକଙ୍କ ମତ ଥିଲା, ପୁରୁଣା ଦିନର ବନ୍ଧୁଙ୍କ ସହ ଏହି ଫେସବୁକ୍‌ରେ ସହଜରେ ଯୋଗାଯୋଗ କରାଯାଇ ପାରୁଛି । ଏହାସହ ନିଜର ଗୋପନୀୟତା ମଧ୍ୟ ଜ୍ଞାନକୌଶଳ ସହାୟତାରେ ସେମାନେ ରକ୍ଷା କରିପାରୁଛନ୍ତି । ବର୍ତ୍ତମାନ ସୁଦ୍ଧା ୨୪କୋଟିରୁ ଅଧିକ ଭାରତୀୟ ଫେସବୁକ ବ୍ୟବହାର କରୁଛନ୍ତି । ସେମାନଙ୍କ ମଧ୍ୟରୁ ୨ ରୁ ୩କୋଟି ବୟସ୍କ ଲୋକେ ଥିବାର ଜଣାପଡ଼ିଛି । ଫେସବୁକ ବ୍ୟବହାରରେ ବର୍ତ୍ତମାନ ଭାରତ-ଆମେରିକା ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଛି । ଗତ ୬ ମାସ ମଧ୍ୟରେ ଭାରତର ୨୪ ପ୍ରତିଶତ ଲୋକେ ଫେସବୁକରେ ନଜ ଆକାଉଂଟ ଖୋଲିଛନ୍ତି । ପୂରାବିଶ୍ୱରେ ୪୨ ପ୍ରତିଶତ ଲୋକେ ଫେସ୍‌ବୁକ ବ୍ୟବହାର କରୁଛନ୍ତି । ବର୍ତ୍ତମାନର ସମୟରେ ଅଧିକାଂଶ ଲୋକ ଔପଚାରିକ କଥୋପକଥନ ସମୟରେ ବେଶ୍ ସରଳତାର ସହ ଅନ୍ୟକୁ ପଚାରୁଛନ୍ତି, ଆପଣଙ୍କର ଫେସ୍‌ବୁକରେ ଆକାଉଂଟ ଅଛି ତ ?

## ଅଲିଭା ଦୀପଶିଖା

### ସୁଜିତ୍ କୁମାର ମିଶ୍ର



ଆକାଶ ମୋର ମନ
ସାଗର ମୋର ହୃଦୟ,
ମାଟି ମୋର ଭାବ,
କର୍ମ ମୋର ଯଜ୍ଞ,
ଅବାରିତ ବର୍ଷା ମୁଁ ଅଗଣାରେ,
ବାରମାସୀ ସଭିଙ୍କୁ ଭିଜାଏ,
ମୁଁ ନାରୀଟିଏ ।

ମୁଁ ଈଶ୍ୱରଙ୍କ ନିକଟତମ ଲୋକ,
ବସୁଧାର ବାସୁଥିବା ବେଶ,
ନିସ୍ୱ ଭିତରେ ବିଶ୍ୱ
ବିଶ୍ୱାସର ଚମତ୍କାର ସମୀକରଣ,
ଭାବର ଭବ୍ୟ ଉଡାଣ ।

ମୁଁ ନୁହେଁ କାହା କପଟ ପାଶାର ଗୋଟି
ଖେଳ,
ମୁଁ ନୁହେଁ ଦ୍ରୋହର ଅଭିଶପ୍ତ ଅହଲ୍ୟା,
ମୁଁ ନୁହେଁ ଟୁପୁରୁଟାପୁରୁ ପାଇଁ ବାଧ୍ୟ
ଉତ୍ତର,
ମୁଁ ନୁହେଁ ବର୍ବରତା ପାଇଁ ନିର୍ବାସିତା ।

ମୁଁ ନୁହେଁ ମୌନାବତୀ,
ମୁଁ ନୁହେଁ ଲୁହରେ ବତୁରା ଚିଠି,
ମୁଁ ପ୍ରତିବାଦର ଲମ୍ବା ଲାଠି,
ମୁଁ ରବିର ଛବି,
ମୁଁ ତୋପ, ତାପ ବିକିରଣ,
ମୁଁ ଶଶିର ଶୀତଳ କିରଣ,
ମୁଁ ଛଅ ଋତୁ ମଧ୍ୟରେ
ଷଡରିପୁଠୁ ଊର୍ଦ୍ଧରେ
ଏକ ଦୁର୍ଲଭ ଦିବ୍ୟ ଉତ୍ତରଣ ।

ମୁଁ ନୁହେଁ ଉପଭୋକ୍ତାଙ୍କ ଭୋଗ୍ୟା,
ପତିପ୍ରାଣର ମଧୁ ଶଯ୍ୟା,
ମୁଁ ପ୍ରୀତିରେ ଅନୁଭବର ଅନନ୍ତ ଅନନ୍ୟ
ଅନୁବାଦ,
ମୁଁ ଭାବର ଶାସ୍ତ୍ରୀୟ ସଙ୍ଗୀତ
ମୁଁ ହିଁ ଆପଣାପଣର ସୀମାହୀନ ସରହଦ ।

ମୋତେ କରନି ବନ୍ଦୀ,
ମୋର ଶୂନ୍ୟ ଅଭିସନ୍ଧି,
ଅନ୍ତରର ସେ ଅନୁରାଗ ରଜ୍ଜୁରେ ଦିଅ ଛନ୍ଦି,
ତେଣିକି ମୁଁ ବାରମାସୀ ସୁସଜ୍ଜିତ
ଦେବତା ଆନନ୍ଦିତ ।

ମୁଁ ନଈଟିଏ,
ପିଏ ହଳାହଳ,
ଛାତିରେ ଛଳଛଳ,
ମୁଁ ଟାଣି ଘୋଷାରି ଡାକି
ବାଣ୍ଟେ ଜହ୍ନ,
ସମସ୍ତଙ୍କ ମୁହଁରେ ଫୁଲ ଫୁଟିଲେ
ମୁଁ ଆନନ୍ଦ ଭବନ ।

ଖୋଜ ପୁରାଣ ପୋଥି
ଦେଖ ମୋ ଖାସ୍ ଦକ୍ଷତା,
ମୁଁ ଅବଳା ନୁହେଁ
ମୁଁ ରାଣୀ ଲକ୍ଷ୍ମୀବାଈ, ଇନ୍ଦିରା, ଆରତୀ
ମୁଁ ତ୍ୟାଗର ଅଲିଭା ଦୀପଶିଖା ।

ମାନ ମୋତେ ଶକ୍ତି ରୂପିଣୀ,
ଅହଂ ପାଇଁ ନୁହେଁ
ସର୍ବ କଲ୍ୟାଣ ପାଇଁ
ମୁଁ ଦାତ୍ରୀ,
ମୁଁ ନିସ୍ୱାର୍ଥପରତାର ନିର୍ଝରିଣୀ ।

ମୁଁ ନାରୀ, ନୁହେଁ ନାରା
ମୁଁ ସହଯୋଗ ଆନ୍ଦୋଳନ,
ମୁଁ ସବୁ ଆଖିର ଲୁହ ପାଇଁ
ଲୁହରେ ଦହନ ।

ନାରୀ ବିଳପିଲେ ଲକ୍ଷ୍ମୀଙ୍କ ଆଖିରେ ଲୁହ,
ମାଟି ଅଗଣାରୁ ମାଟି କ୍ଷୟ,
ବଳଶାଳୀ ହେଲେ ବହେ ମଳୟ ।


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
(ମୋ) ୭୬୮୩୮୬୭୭୪୨


## ମଧୁବାବୁ

### ଡ. ଅନିଲ ନନ୍ଦ



ଆଜିକାଲି ବାରମ୍ବାର
ମୁଖସ୍ଥ କରିବାକୁ ପଡେ ଇତିହାସ
ବିଳମ୍ବିତ ରାତିରେ ବି ଉଠିପଡ଼ି
ଆଙ୍କି ଦେବାକୁ ହୁଏ ପଗଡ଼ିର ଚିତ୍ର
ଖୋଜିବାକୁ ପଡେ ଶିଙ୍ଗବାଡି
ପ୍ରତ୍ୟୁଷରେ ହୁଏତ କେହି
ପଚାରି ଦେଇ ପାରେ
ଓଡିଶା ସମ୍ପର୍କରେ ବିଶଦ ।

ଗୋଟେ ତ୍ୟାଗପୂତ ଜୀବନର
ଝାଳବୁନ୍ଦାରେ ଗଢ଼ି ଉଠିଥିବା ଜାତି
ତ୍ୟାଗକୁ ତ କରି ସାରିଛି ବିଜ୍ଞାପନ
ପୂଜା କରିଛି ତ୍ୟାଗର ଜଡ ପ୍ରତିମା
ଗୋଟାଏ ଭାଷାର ବଡ଼ଦାଣ୍ଡରେ
ଗଡି ଯାଉଥିବା ଜାତିର ରଥ
ବଜାୟ ରଖିଛି ଖାଲି ରଥାବରଣ
କେବଳ ମନେ ରଖି ପାରିଛି
ତା କୁଳ ଦେବତାର ନାଁ ।

ଏତେବେଳେ
କେହି ଯଦି ପଚାରି ଦିଏ
କଣ ଆଉ କହିହେବ ବିଶେଷତ୍ୱ ଜାତିର !

କେତେବେଳୁ
ସ୍ୱାଭିମାନର ପ୍ରତିଜ୍ଞା ବେଦୀରେ ବସି
ଆମେସବୁ ଆରମ୍ଭ କଲୁଣି
ସ୍ୱାର୍ଥର ମନ୍ତ୍ରପାଠ
ଦିବଂଗତ ଆତ୍ମାଙ୍କୁ ପୁଷ୍ପାଞ୍ଜଳି ଦେଇ
ଆରମ୍ଭ କଲୁଣି ଅଭିମାନର ଅର୍ଚ୍ଚନା ।

କାଳେ କେହି ବିଜାତୀୟ
ପ୍ରତ୍ନତାତ୍ତ୍ୱିକ ଖନନରୁ ଆବିଷ୍କାର କରି
ବାହାର କରିବ ସେଇ ତ୍ୟାଗୀଙ୍କ
ଲୁହ ଲହୁ ସ୍ୱେଦ ଓ ଶପଥ
ସେ ଲାଗି ତିଆରି ସରିଛି କେତୋଟି
ପ୍ରତିମୂର୍ତ୍ତି ଓ ପାଳୁଛୁ
ପ୍ରତିବର୍ଷ ଏପ୍ରିଲ୍ ଅଠାଇଶି ତାରିଖ।


କ୍ୟାମ୍ପସ - ୯, କିଟ୍, ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮


ଓଡ଼ିଆ କାବ୍ୟର ତପୋଭୂମିରେ ପଦ୍ମଭୂଷଣ ରମାକାନ୍ତ ରଥଙ୍କ 'ଶ୍ରୀରାଧା'... ବିରହର ମାର୍ମିକ ମର୍ମର ସୃଷ୍ଟି କରିଥିବା ଏକ ଚିର ଅମ୍ଳାନ ସଫଳ ସାରସ୍ୱତ ପ୍ରୟାସ ...ଯାହା ପାଠକର ହୃଦୟକୁ ଆଚ୍ଛନ୍ନ କରିରଖେ, ମନକୁ ଶ୍ରୀରାଧାମୟ କରିଦିଏ, ପ୍ରେମକୁ ତ୍ୟାଗଝରା ନିର୍ଝରିଟିଏ କରି ବୁହାଇଆଣେ ଉଷର ଛାତିକୁ, ବୁନ୍ଦା ବୁନ୍ଦା ବିରହର ଅମୃତରସରେ ସିଞ୍ଚିତ କରିବାକୁ... ତାଙ୍କରି ଅମ୍ଳାନ ସ୍ମୃତିରେ ସମର୍ପଣ କରୁଚି, ତାଙ୍କରି ଧାରାର ଏ- 'ଶ୍ରୀରାଧାଙ୍କ ବିରହ ସ୍ୱର' ...



## ଶ୍ରୀରାଧାଙ୍କ ବିରହ ସ୍ୱର (୫)

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ହେ କୃଷ୍ଣ !
ଅନାଥର ନାଥ କୁହନ୍ତି ତୁମକୁ
ତୁମ ବିନୁ ବେନି ନେତ୍ର
ଅନାଥପଣରେ ଅଶ୍ରୁ ଝାରି ଝାରି
କ୍ଷୀଣ କଲାଣି ଏ ଗାତ୍ର ।
ସନାଥ କର ହେ ପ୍ରିୟ..!
ଝାରି ଝାରି ଅଶ୍ରୁ ଶୁଷ୍କ ଏ ନୟନ
ପ୍ରୀତି ରସ ଟୋପେ ଦିଅ ।
ଜଳ ବିନୁ ମୀନ ପରି...
ଚନ୍ଦ୍ରମା ବିହୁନା ଚକୋରୀ ପରି ମୁଁ
ମଧୁ ବିନୁ ଫୁଲ ସରି ..(୧୭)

ପାଞ୍ଚଭୂତରେ ଏ ଦେହ ଗଢ଼ା ଜାଣେ
ଆତ୍ମା ଏ ରଥ ସାରଥି
ମୋ ଦେହ-ରଥର ସାରଥି ତୁମେ ତ
ତୁମ ବିନୁ ସ୍ଥିର ଗତି
ଘଟ ବଦଳିବା ବେଳେ...
ଆତ୍ମା ସାଥେ ଖାଲି ପୁଣ୍ୟ ଯାଇଥାଏ
କେ ଯିବ ମୋ ମୃତ୍ୟୁ କାଳେ ?
ତୁମେ ପରା ପୁଣ୍ୟ ମୋର...
ପୁଣ୍ୟ ବିନୁ ତନୁ କର୍ମହରା ଯେଣୁ
ମୋ ପାଇଁ ମୁକତି ଛାର.. (୧୮)

ଉଦ୍ଧବ କହିଲେ ନାରଦଙ୍କୁ ଯାହା
କହିଥିଲ ତାଙ୍କୁ ତୁମେ
'ଯୋଗୀ ହୃଦୟରେ' ବୈକୁଣ୍ଠ ପୁରରେ
ରୁହନି ମୁକତି ଧାମେ ।
'ଆଖି' ନାମ ଧରି ନାହଁ...
ଏ ଚର୍ମ ନୟନ ଝୁରେ ତୁମ ରୂପ
ରହିଯାଅ ଏଠି ପ୍ରିୟ !
ତ୍ରିଭଙ୍ଗୀ ଛନ୍ଦକୁ ଦେଖି...
ନିତି ରାହାସର ପାର୍ଥିବ ପ୍ରେମର-
ରସ ପାନେ ହୁଏଁ ସୁଖୀ ..(୧୯)

ମାଟିକୁ ଚାହିଁଲେ ଲୁହ ସରୁ ଧାରେ
ଯମୁନା ତରଙ୍ଗ ଖେଳେ
ସେଇ ତରଙ୍ଗରେ ଯେତେ ନାବକେଳି
ଗୋପାଙ୍ଗନା ରୂପ ଝଲେ ।
ଦେହ ଅନୁଭବ ଛାଡ଼ି...
ଦେହୀ ଭାବେ ଗୋପି ଉର୍ଦ୍ଧ୍ୱେ ହାତଟେକି
ଅନାସକ୍ତ ଭାବେ ବୁଡ଼ି-
ଭାବନ୍ତି ଏ ନୁହେଁ ନଦୀ...
ମୃତ୍ୟୁର କରାଳ ଲହରୀ ଧାଉଁଚି
ମିଛ ଦେହ ଯାଏ ଭେଦି ..(୨୦)

(ଆର ଥରକୁ)


+ ସାହିତ୍ୟ ସାରାକାଳ,
ବ୍ରହ୍ମ ଆଳୟ ନିତ୍ୟ ନିଳୟ, ଦେଉଳସାହି,
ଓଳାଭର, କେନ୍ଦ୍ରାପଡା-୭୫୪୨୨୭
(ମୋ) ୬୩୭୧୩୮୯୮୭୧


## ଯିଏ ଏକ ଅଭିଧାନ

### ରତ୍ନପ୍ରଭା ବାଇ



ଫଗୁଣରେ ଯେଉଁ ଫୁଲ ସହିଚି ଅଦିନ ଝଡ଼
ସେ, କିଆଁ ଡରିବ ଆଉ ବୈଶାଖି ଝାଞ୍ଜି କୁ
ବୟସର ବସନ୍ତରେ ଜଳିଛି ଯେ' ଅଶାନ୍ତରେ
ସେ କିଆଁ ଡରିବ ଆଉ ନିଦାଘ ର ନିଆଁକୁ ।

ଠକି ଠକି ବାର ବାର ଝୁଣ୍ଟିଚି ଥରକୁ ଥର
ସଂପର୍କ ଭିଡ଼ରେ ଯିଏ ସଂପୂର୍ଣ୍ଣ ନିଃସଙ୍ଗ
ମଉଳିଛି ଯା'ର ଆଶା ଲୁହରେ ମରିଛି ତୃଷା
ସେ କିଆଁ ଭୁଲିବ ଦେଖି ମରୁରେ ତରଙ୍ଗ ।

ଛନ୍ଦ ହୀନ ଜୀବନରେ ସୁଖଠୁ ରହିଛି ଦୂରେ
ବୁକୁରେ ବୋହିଚି ଯିଏ ବେଦନାରେ ବୋଝ
ଝାଉଁଳିଛି ଯା'ର ମନ ସାଉଁଟିବ କି, ସପନ
ଆଖିରେ ନିଦ ବୋଳିଲେ ଏ ଶିତଳ ସଞ୍ଜ ।

ଦୁଃଖ ସୁଖ ଦିନ ରାତି ଏକାକାର କରି ନିତି
ଚାଲିଛି ଯେ, ଅଙ୍କା ବଙ୍କା ଜୀବନର ପଥରେ
ଜୀବନ ଯମୁନା ଘାଟେ ମୃତ୍ୟୁକୁ ଯେ, ନିତି
ଭେଟେ
ଆତଙ୍କିତ ହେବ କିଆଁ ବଞ୍ଚିବାର ମୋହରେ।

ଭିନ୍ନ ଏକ ଭାବନାରେ ଯା'ମନ ନିତି ବତୁରେ
ଆତ୍ମ ସମିକ୍ଷାରେ କରେ ହିସାବ ନିକାଶ
ସମସ୍ୟାର ସ୍ତୁପ ଡେଇଁ ବିଶ୍ୱାସର ବିଷ ପିଇ
ବଞ୍ଚିଛି ଯେ ବିପଦରେ ହେବ କି ବିବଶ ।

ପ୍ରତି ମୂହୁର୍ତ୍ତ ରେ ଯିଏ ଜୀବନେ ପରିକ୍ଷା ଦିଏ
ନିଜକୁ ବୁଝିବା ପାଇଁ ହୋଇଛି ସମର୍ଥ
ଯିଏ ଗୋଟେ ଅଭିଧାନ ସାଜିଛି ଉଦାହରଣ
ତାକୁ କିଏ ବୁଝେଇବା ଶବ୍ଦର ଅର୍ଥ ।।


ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର,ଅନୁଗୁଳ
ମୋ: ୯୩୩୭୯୭୨୭୪୯


## ଦୁଃଖ ହେ ତୁମେ

### ପୂଜା ସା



ହେ ଦୁଃଖ ତୁମେ ଖାଲି ଥରେ କହି ଦିଅ
କାହିଁକି ତୁମେ ମୋତେ ଏତେ ଭଲପାଉଛ ?
ଏ ନୀରବନୟନରେ
ଏମିତି କଣ ଦେଖିଲ ଯେ
ବାରମ୍ବାର ଚାଲିଆସୁଛ ତୁମେ ମୋ ପାଖକୁ ।

ଏମିତି କଣ ଅଛି ମୋ ପାଖରେ ଯେ
ମୁହୂର୍ତ୍ତେ ବି ମୋତେ ଛାଡ଼ିକି ରହି ପାରୁନାହଁ
ଆଛା ତୁମେ ତ ବେଳେବେଳେ
ମୋତେ ଛାଡ଼ି ଚାଲିଯାଇ ଥାଅ
ପୁଣି ଏମିତି ହଠାତ୍ ଚାଲି ଆସ କାହିଁକି ?
ଆପଣା ଇଛାରେ ନା ଦେବୀ ପ୍ରେରଣାରେ ?

ମୁଁ ପ୍ରତିଦିନ ଚେଷ୍ଟା କରେ
ଖୁସିରେ ରହିବା ପାଇଁ
ହେଲେ ତୁମେ ଆସ
ନୂଆ ନୂଆ ଚେହେରା ନେଇ
ମୋ ମନରେ ବେଦନା ଭରି ଦେବା ପାଇଁ
ହଁ ତୁମେ ଜଣେ କଳାକାର,
ଯିଏ କି ଏ ଜୀବନେ
ବେଦନାର ଆକୃତିକୁ
ପ୍ରତିଦିନ ଆଙ୍କି ଦେଉଛ ।

ହେ ଦୁଃଖ ତୁମେ ନା ଗୋଟିଏ ପ୍ରେମିକ ଭଳି
କେବେ ହୃଦୟ ଭରି ଭଲପାଅ ତ ଆଉ କେବେ
ଦୁଃଖ ଦେଇ ଅଜସ୍ର ଶିକ୍ଷା ଦେଇ ଚାଲି ଯାଅ ।
ଥରେ କହିଦିଅ
ତୁମେ ଏତେ ନିଜର କେମିତି ଲାଗୁଛ
ତୁମ ବିରହର ସ୍ପର୍ଶ ବି ମୃଦୁ ସ୍ପର୍ଶ ଭଳି ଲାଗେ।

ହେ ଦୁଃଖ, ମୁଁ ତୁମର ଭାଷାକୁ ବୁଝି ସାରିଛି
ତୁମେ ଏ ନୀରବତାକୁ
କବିତାରେ ପରିଣତ କରିଛ
ତୁମେ ଅସ୍ତିତ୍ୱ ଅସ୍ପଷ୍ଟ,
ତୁମେ ଠିକ୍ ପୁସ୍ତକ ଭଳି
ଯାହାର ପ୍ରତ୍ୟେକ ପୃଷ୍ଠାରେ ଅଛି
ଆତ୍ମବୋଧ ।

ହେ ଦୁଃଖ, ମୁଁ ତୁମକୁ ଘୃଣା କରିପାରେ ନାହିଁ
କାରଣ ତୁମେ ଦେଇଛ ମୋତେ ଆତ୍ମଚିନ୍ତନ।
ତୁମେ ମୋ ଅନ୍ଧାରର ଏକମାତ୍ର ପ୍ରକାଶ
ତୁମେ ମୋର ଶତ୍ରୁ ନୁହଁ,
ତୁମେ ତ ଏ ଜୀବନ ଗାଥାରେ
ଲୁଚିଥିବା ଜଣେ କବି।

ବେଳେ ବେଳେ ଭାବେ ମୁଁ
ତୁମେ ବୋଧେ ମୋର ଅନ୍ତରଙ୍ଗ ସାଥି
କେବେ କେବେ ଲାଗେ
ତୁମେ ମୋର ଗୋଟିଏ ଅଂଶ
ହେ ଦୁଃଖ ଥରେ କହି ଦିଅ ନା
ତୁମେ ଏତେ ଆତ୍ମୀୟ ପରି
କାହିଁକି ଲାଗୁଛ ?


ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନୀପାଟଣା, କଳାହାଣ୍ଡି


## ମୁଁ ଖୋଜୁଛି

### ଡ଼ ସୀତାକାନ୍ତ ତ୍ରିପାଠୀ



ମୁଁ ତାକୁ ଖୋଜି ଆସୁଛି ଏଠି-ସେଠି-
ସବୁଠି,
ଚିହ୍ନା-ଅଚିହ୍ନା, ପରିଚିତ-ଅପରିଚିତ ଜାଗା
ବାଦ୍ ଦେଇନି କେଉଁଠି।

ପଚାରିଛି ସମସ୍ତଙ୍କୁ; ପିଲା ଛୁଆ,
ପରିବାର ସାହି-ଭାଇ ଙ୍କୁ ଗୋଟି ଗୋଟି
କରି
ଏ ଭିତରେ ମୁଁ ଖୁବ୍ ଥକି ଯାଇଛି ଆଉ
ଧିରେ ଧିରେ ମନ ମୋର ଯାଇଛି ମରି।
କିଏ ଦେଇ ପାରିବ ତାର ସଠିକ୍ ଠିକଣା ଆଉ
ସୂଚନା ତା ବିଷୟରେ
ସମସ୍ତେ ତ ଅସହାୟ ଆଉ ନୀରବ କାଳେ
ଭୁଲ ହୋଇଯିବେ ସମ୍ପର୍କର ଗଣିତରେ।

କାହିଁକି ଖୋଜେ କେତେବେଳେ ଖୋଜେ
ସେଥିରେ ନଥାଏ କିଛି ବାଡ଼ ବତା
ପାଇବା ପାଇଁ କିଛି ହରାଇ ନାହିଁ ବରଂ ଜାଗ୍ରତ
କରିଛି ମୋ ବ୍ୟକ୍ତି ସତ୍ତା ।

ଏବେ ଭାବୁଛି ଖୋଜିବା ହିଁ ତ' ମୋ ପ୍ରକୃତି
ଏଥିରେ ନା ' ଅଛି ପାଇବାର ତୃପ୍ତି ଆଉ
ହରାଇବାର ଅବଶୋଷ।


ଅର୍ଣ୍ଣପାଳ, ଭଦ୍ରକ
ମୋ: ୯୭୭୮୭୬୪୩୯୪


## ସୁନାରୀ ଫୁଲ

### ସଲିଳା ତ୍ରିପାଠୀ



ସୁନାରୀ ଫୁଲରେ ସୁନାରୀ ଫୁଲ
ହଳଦୀ ରଙ୍ଗ ତୋ କି ଝଲମଲ।
ଚୈତ୍ର ବୈଶାଖେ ପଥ ପ୍ରାନ୍ତରେ
ଦୋଳି ଖେଳୁଥାଉ ଖୁସି ମନରେ।
ତତେ ଦେଖି ମନ ହୁଏ ଆନନ୍ଦ
ଜୀବନରେ ଯେଣୁ ଅନେକ ଛନ୍ଦ।
ତୋ ପରଶେ ଧରା ହୁଏ ପ୍ରଫୁଲ୍ଲ
ବାସ ନଥାଇ ତୁ ଅଟୁ ଅମୂଲ୍ୟ ।
ସଜାଇଛୁ ତୁହି ସାରା ଧରଣୀ
ସତେ ଯେପରି ତୁ ଧରାର ରାଣୀ ।
ଅବହେଳାର ତୁ ଏକ ନମୁନା
ଫୁଲ ଭିତରେ କି ଯାଉରେ ଗଣା ।
ଦେବତାଙ୍କ ପାଇଁ ନୁହେଁ ତୁ ଲୋଡା
ଭାବନା ରାଇଜେ ହେଉ ସଜଡ଼ା ।
ସୁନା ଯେବେ ହୁଏ ଅମୂଲ ମୂଲ
ବୁଝି ପାରିବେ କି ତୋହର ମୂଲ ।
ସୁନା ଠୁ ସୁନ୍ଦର ରୂପ ତୋହର
ପ୍ରକୃତିର ଶୋଭା କି ମନୋହର ।
ଈଶ୍ୱରଙ୍କ ସୃଷ୍ଟି ଯେତେ ବୈଚିତ୍ର୍ୟ
ତୋର ସ୍ଥିତି ଅଟେ ସେତେ ପବିତ୍ର ।
ପବନ ତୋହର ଏକଇ ବନ୍ଧୁ
ଯେମିତି ଆକାଶେ ପୂର୍ଣ୍ଣିମୀ ଇନ୍ଦୁ ।


ହନୁମାନଗଦୀ, ବୋଲଗଡ
ମୋ: ୮୭୬୩୭୮୮୬୧୪


## ରଙ୍ଗୀନ ପ୍ରେମ



### ଟଙ୍କଧର ମେହେର

ଆଜି ଜହ୍ନ ଉଇଁଅଛି ଚାନ୍ଦିନୀ ରାତିରେ,
ଆଉ ମନ ଲୁଚିଅଛି ହୃଦୟ ଭିତରେ । ବନ୍ଧୁଟେ
ପାଇଛି ଏ ଜୀବନ ପଥରେ,
ପାଦ ମୋ ଲାଗୁନି ଆଉ ଏ ମାଟିରେ ।
ଥିବା ଯଦି ତୁମେ ଏଇ ମୋ ଭାଗ୍ୟରେ,
ଭିଜିଯିବା ଦୁହେଁ ଖୁସିର ବାଦଲେ ।
ହୃଦୟଟି ସିନା ଟିକେ ସରଳ,
ଭାଗ୍ୟଟି କିନ୍ତୁ ମୋ ଭାରି ଦୁର୍ବଳ ।
ଆପଣାର ହୋଇ ନିଜର କରିବି,
ପ୍ରତିଶ୍ରୁତି ଦେଇ ମଲେ ମୁଁ ମରିବି ।
ରଙ୍ଗବେରଙ୍ଗର ପ୍ରେମର ରାଇଜେ,
ପ୍ରଜାପତି ସାଜି ବୁଲିବା ମଉଜେ ।
ମୌସୁମୀର ଏଇ ଆଗମନରେ,
ଲୁଚିଯାଆନି ମୋ ଜହ୍ନମାମୁରେ ।
ଥିଲା ଇଏ ସ୍ୱପ୍ନ କି ଅବା ସତ,
ସମୟ କହିବ କିଏ ପ୍ରକୃତ ମିତ ।
ସତେ ଅବା ସିଏ ଦେବ ମୋତେ ହାତ,
ଲଙ୍ଘିଯାଇ ସବୁ ଘାତ ପ୍ରତିଘାତ ।


କନିଷ୍ଠ କିରାଣୀ, ସିଭିଲ କୋର୍ଟ, ଧର୍ମଗଡ
କଳାହାଣ୍ଡି


## ଧିକ୍କାର

### ଆଦ୍ୟାଶା ମହାପାତ୍ର



ଧିକ୍କାର ସେଇ ହିଂସ୍ର ସ୍ୱଭାବକୁ ପଶୁତ୍ୱ ଠୁ ଯା' ହୀନ
ଶାନ୍ତି ସଂହତି ଦୟା କ୍ଷମା ଭୁଲି ବର୍ବରତାରେ ମଗ୍ନ,
ଥରାଇ ଦେଇଛି ଏ ମାଟିର ଛାତି ଧର୍ମାନ୍ଧ ବିଭୀଷିକା
ଜହ୍ଲାଦ ରଚିଛି ନରସଂହାର ଭୁଲିଛି ମାନବିକତା ।।

କାପୁରୁଷ ସେହି ଦୁଷ୍ଟ ଆତତାୟୀ ବୁଦ୍ଧି ବିବେକ ଶୂନ୍ୟ
ରକ୍ତର ହୋଲି ଖେଳେ ନିର୍ଦ୍ଦୟୀ ହରାଇ ବସିଛି ଜ୍ଞାନ ,
ଅସୂୟାର ବହ୍ନି ଜଳେ ଦାଉ ଦାଉ ପାଷାଣ୍ଡ ଅନ୍ତରରେ
ଆନନ୍ଦ ଉଲ୍ଲାସ କେମିତି ଦେଖିବ କୁହ ଏ ଭୂଖଣ୍ଡରେ !!

କିଏ ସେଇ ଅରି ଛପି ଛପି ଆଜି ଘୃଣାର ମଞ୍ଜି ବୁଣେ
ଏ ଦେଶ ସଂହତି ପ୍ରତିହତ କରେ କୁତ୍ସିତ ସ୍ୱଭାବ ପଣେ,
ବିଶ୍ୱ ସମୁଦାୟ ଘୃଣା କରେ ଯାରେ ଧିକ୍ ତା'ର ଜୀବନ
ଅଭିସନ୍ଧି ତା'ର ନହେବ ସଫଳ ବୃଥା ତା'ର ଆସ୍ଫାଳନ ।।

ଲୁପ୍ତ ହୋଇବ ଆତଙ୍କ ଅଚିରେ ଏ ଦେଶେ ଫେରିବ ଶାନ୍ତି
ହିନ୍ଦୁସ୍ଥାନ ହେବ ବିଶ୍ୱ ମହାଗୁରୁ ସ୍ୱସ୍ତି ସୌହାର୍ଦ୍ଦ୍ୟର ଶକ୍ତି ।।


ନୂଆପଡା, କଟକ


## ବସନ୍ତ ରାସ

### ବିଜୟଲକ୍ଷ୍ମୀ ପାଣିଗ୍ରାହି



ବର୍ଣ୍ଣିଳ ବିଭାରେ ବିଭୋର ବସନ୍ତ
ମୃଦ୍ୟୁ ମଳୟର ଛନ୍ଦେ
ବିଧୁର ପରାଣେ କୋକିଳର କୁହୁ
ଜୀବନର ଗୀତି ବନ୍ଦେ।

ଝରା ଝରା ଝରେ ନିଦାଘ ରଙ୍ଗର
ସୁନାରି ଫୁଲର ହସ
ଶୁଷ୍କ ସହରେ ସବୁଜ ଲହରେ
ଆସେ ବୋଲି ମଧୁମାସ।
ପବନ ଦୋଳିରେ ହୁଏ ଝଲମଲ
ସରସୀରେ ଫୁଟା ଜହ୍ନ
ରାତ୍ରି କବରୀରେ କଇଁ ସାଥେ ଖେଳେ
ପୀରତି ଉଚ୍ଛନ୍ନ ମନ।
ତାରା ରୋଷଣୀରେ ବର୍ଣ୍ଣମୟୀ ନିଶି
ମାରୁଛି ଛବିଳ ଛଟା
ପ୍ରଣୟର ନଈ ମାରୁଅଛି ହାଇ
ଦେହ ତା'ର କମକୁଟା।

ଓଠରେ ନାଇଛି ସରାଗ ସ୍ମାରକୀ
କୃଷ୍ଣଚୂଡାର ରଙ୍ଗ
ପଳାସ କାମରେ ଉନ୍ମାଦିନୀ ସାଜେ
ପ୍ରେମ ଜରଜର ଢଙ୍ଗ।


ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

# ପୁରୀରେ ବଜାଜ୍ ଚେତକ୍ ଶୋରୁମ ଖୋଲିଲା ଓ ବିକ୍ରି ଆରମ୍ଭ

ପୁରୀ,୨୮/୪(ନି. ପ୍ର): ନବକଳେବର ରୋଡରେ ଏମଏସବି ଅଟୋମୋଟିଭ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ବାଜାଜ୍ ଇଲେକ୍ଟ୍ରିକ ସ୍କୁଟର ଚେତେକ ଶୋରୁମ ଉଦଘାଟିତ ହୋଇଯାଇଛି । ଏହି କମ୍ପାନୀର ଦକ୍ଷତା ଓ ଗୁଣବତାର ନାମ ଆଗରୁ ରହିଛି । ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ ଏହାକୁ ଆନୁଷ୍ଠାନିକ ଭାବେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନସୁର ବକ୍ସ କହିଲେ ଏହି ଗାଡି ୪ ଘଂଟା ଚାର୍ଜ କଲେ ୧୫୧ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ । ନିର୍ଦ୍ଦେଶିକା ସାଇରା ବାନୁ ଓ ଏରିଆ ସେଲ୍ସ ମ୍ୟାନେଜର ପ୍ରୀତିଶ ନାୟକ ଏହି ସ୍କୁଟର ପୁରୀ ସହରର ଗଳିକନ୍ଦି ଓ ଛୋଟ ଗଳିରାସ୍ତାରେ ମଧ ସୁବିଧାରେ ଯାତାୟାତ କରିପାରିବ । ଗ୍ରାମାଚଂଳ ରାସ୍ତାରେ ଠିକ୍ ଭାବେ ଚାଲିବ ବୋଲି ମତବ୍ୟକ୍ତ କରିଥିଲେ । ଚେତକ ସ୍କୁଟରରେ ଓ୍ୱାଟରପୃଫ ଥିବାରୁ ପାଣି ସହଜରେ ଲାଗିବ ନାହିଁ । ଓ୍ୱେଦର ପୃଫ ଥିବାରୁ ବର୍ଷାରେ ଓ ପାଣି କାଦୁଅ ରାସ୍ତାରେ ସୁବିଧାରେ ଯାଇପାରିବ । ଏହା ସହ ନଏଜ ପୃଫ ଓ ଡସ୍ଟ ପୃଫ ରହିଛି । ଏହି ଶୋରୁମ ଖୋଲିବା ଫଳରେ ପୁରୀର ଯୁବ ଗୋଷ୍ଠୀମାନେ ଉତ୍ସାହିତ ହୋଇଛନ୍ତି । ଆଧୁନିକ ଜ୍ଞାନକୌଶଳ ବ୍ୟବହାର ହୋଇ ଗ୍ରାହକଙ୍କ ବିଶ୍ୱସନୀୟତା ଆଣିପାରିବ । ସମ୍ପର୍ଣ୍ଣ ମେଟାଲ ବଡି ହୋଇଥିବାରୁ ଏହା ରିପାରିଙ୍ଗ ହୋଇପାରିବ । ବିଶେଷକରି ମହିଳା ଓ ଯୁବତୀ ମାନଙ୍କ ପସନ୍ଦ ହେବ ବୋଲି ଏମଡି କହିଛନ୍ତି । ଡିସ୍ ବ୍ରେକ ଯୋଗୁ ଏହା ଯାଉଥିବା ସମୟରେ ସଙ୍ଗେ ସଙ୍ଗେ ଅଟକି ଯିବ । ଟଚ ସ୍କ୍ରିନରେ ହାତ ମାରିଲେ ଏହା ଆକ୍ଟିଭ ହେବା ସହ ଷ୍ଟାର୍ଟ ଏବଂ ବନ୍ଦ ହେବ । ଏହାର ଡିଜାଇନ, ସିଟ୍ କଭର, ହେଡଲାଇଟ, ଇଣ୍ଡିକେଟର ଅଧିକ ଆକର୍ଷଣୀୟ ହୋଇଥିବାରୁ ଏହା ଯୁବ ଗୋଷ୍ଠୀଙ୍କ ମନଆନନ୍ଦ କରିପାରିଛି । ଗ୍ରାହକ ମାନେ ସିଧାସଳଖ ଟଙ୍କା ଦେଇ କିଣିପାରିବେ ଏବଂ ଡାଉନ ପେମେଂଟ ଦେଇ କିଣି ପାରିବେ।

ଏ ସଂପର୍କରେ ନୂଆ ଗାଡି କିଣିଥିବା ଯୁବ ଗ୍ରାହକ ସୁଶାନ୍ତ କୁମାର ସାହୁ କୁହନ୍ତି ମୁଁ ୪ ଘଂଟା ଚାର୍ଜ କରି ୧୫୩ କିଲୋମିଟର ପର୍ଯ୍ୟନ୍ତ ଚଳାଇଛି । ଏହାର ସକପଚର ଓ କମ୍ବି ବ୍ରେକ ଆରାମ ଦାୟକ ହୋଇଛି । ପୁରୀରୁ କୋଣାର୍କ ଯିବା ସମୟରେ ଅତି ଆରାମଦାୟକ ଭାବେ ପହଂଚି ଥିଲି ।

# ପିକଅପ୍ ଭ୍ୟାନ୍ ଓଲଟି ଡ୍ରାଇଭର ସମେତ ୩ ଗୋରୁ ମୃତ: ୩୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର

ଭଦ୍ରକ,୨୮/୪(ନି. ପ୍ର): ଭଦ୍ରକ ଜିଲ୍ଲା ଧୁଷୁରୀ ଏବଂ ପୁରୁଣା ବଜାର ଥାନା ଅଂଚଳରେ ବେଆଇନ୍ ଗୋରୁ ଚୋରା ଚାଲାଣ ନେଇ ପୋଲିସର ରାତ୍ରୀକାଳୀନ ତନଖି ଚାଲିଥିବାବେଳେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ ପିକଅପ୍ ଭ୍ୟାନ୍ ଓଲଟି ଗାଡି ଚାଳକ ସମେତ ୩ଟି ଗୋରୁ ମୃତ୍ୟୁବରଣ କରିଛନ୍ତି। ତେବେ ୩୦ ଟି ଗୋରୁଙ୍କୁ ଉଦ୍ଧାର କରି ପୋଲିସ୍ ଗୋଶାଳାରେ ଛାଡିଥିବାବେଳେ ଜଣେ ଗିରଫ ହୋଇଥିବା ବିଷୟ ଭଦ୍ରକର ସିଟି ଡିଏସ୍‌ପି ସମ୍ବିତ ମାଝୀଙ୍କ ସୂତ୍ରରୁ ଜଣାପଡିଛି। ଭଦ୍ରକର ଧୁଷୁରୀ ଥାନା ଅଧୀନ ଅସୁରାଳି ଠାରେ ଦୁଇଟି ବେନିୟମ ଗୋରୁ ବୋଝେଇ ପିକପ ଗାଡ଼ିକୁ ମଧ୍ୟରାତ୍ରରେ ପିଛା କରିଥିଲା ଧୁଷୁରୀ ପୋଲିସ । ପୋଲିସକୁ ଦେଖି ଗାଡ଼ି ଫେରାର ହେବା ବେଳେ ଦୁଇଟି ଗାଡି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା । ଘଟଣାସ୍ଥଳରେ ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ଗୁଜିଦରଡା ଦାଣ୍ଡିସାହି ନିବାସୀ ସେକ୍ ଆଜମତ ଅଲ୍ଲୀଙ୍କ ପୁତ୍ର ଲାଲ ମହମ୍ମଦ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲେ ମଧ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ତେବେ ୩ ଗୋରୁ ମୃତ୍ୟୁବରଣ କରିଥିବା ବେଳେ ଅନେକ ଗୋରୁ ଉଦ୍ଧାର ହୋଇଛନ୍ତି। ଅନ୍ୟ ଜଣେ ଡ୍ରାଇଭର ଫେରାର ହୋଇଛି।ଶନିବାର ବିଳମ୍ବିତ ରାତିରେ ଭଦ୍ରକ ଆରଡ଼ି ରାସ୍ତାର ଅସୁରାଳି ବଜାରରେ ଏହି ଦୁର୍ଘଟଣା ଘଟିଛି।ଏଥିପାଇଁ ସକାଳେ ସ୍ଥାନୀୟ ଅଂଚଳର ପ୍ରବଳ ଉତେଜନା ପ୍ରକାଶ ପାଇଥିଲା।ଧୁଷୁରୀ ଥାନା ପୁଲିସ ଦୁଇ ପିକପ ଗାଡିକୁ ଜବତ କରି ଥାନାକୁ ଆଣିବା ସହ ସ୍ଥାନୀୟ ଲୋକଙ୍କ ସହଯୋଗ ରେ ଆହତ ୨୭ ଗୋରୁ ଙ୍କୁ ଉଦ୍ଧାର କରି ନିକଟସ୍ଥ ଗୋଶାଳା କୁ ପଠାଇଛନ୍ତି। ଭଦ୍ରକରେ ମୃତ ଡ୍ରାଇଭର ଶବ ବ୍ୟବଚ୍ଛେଦ କରାଯାଇଛି। ଏ ସଂପର୍କ ରେ ପୋଲିସ ମାମଲା ରୁଜୁ କରି ଘଟଣା ର ତଦନ୍ତ ଜାରି ରଖିଛନ୍ତି। ଅନୁରୂପ ଭଦ୍ରକ ପୁରୁଣା ବଜାର ଥାନା ଅଧୀନ ଅଂଚଳରୁ ଆମ୍ବୁଲାନ୍ସରେ ଚାଲାଣ ହେଉଥିଲା ଗୋରୁ । ପୁରୁଣା ବଜାର ପୋଲିସର ଏକ ଟିମ୍ ସରକାର ନଗର ଅଂଚଳରେ ଚଢ଼ାଉ ସମୟରେ ଉକ୍ତ ଆମ୍ବୁଲାନ୍ସ ଭିତରୁ ୬ ଗୋରୁ ଜବତ୍ କରିଥିଲେ ମଧ ଗାଡି ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ବେଳେ ଜଣଙ୍କୁ ଅଟକ ରଖିଛି ପୁରୁଣା ବଜାର ପୋଲିସ ।

## ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ ମାମଲା: ସ୍ୱାମୀ ଗିରଫ

ଜୟପୁର,୨୮/୪(ନି. ପ୍ର): ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ ମାମଲାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ସ୍ୱାମୀ ଜଣକ ହେଲା ଆମ୍ବାଗୁଡାର ପିତାମ୍ବର ଭତ୍ରା । ସୂଚନା ଅନୁଯାଇ ପାରିବାରିକ ବିବାଦ ନେଇ ଅଭିଯୁକ୍ତ ସ୍ୱାମୀ ପିତାମ୍ବର ଭତ୍ରା ଏକ ଟାଙ୍ଗିଆରେ ସ୍ତ୍ରୀ ମୁକ୍ତା ଭତ୍ରାକୁ ଆକ୍ରମଣ କରିଥିବା । ଏନେଇ ଜୟପୁର ସଦର ଥାନା ରେ ଅଭିଯୋଗ ହେବାରୁ ପୋଲିସ ୧୨୮/୨୫ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୁଚନା ଦିଆଯାଇଛି ।

# ରସୁଲପୁର ବ୍ଲକ ଅଧିନରେ ଚାଲିଛି ମାଟି ଲୁଟେରାଙ୍କ ରାଜ : ଘେରି ବନ୍ଧ ଆଳରେ ମହାଦୁର୍ନୀତି

ଧର୍ମଶାଳା,୨୮/୪(ନି. ପ୍ର): ଯାଜପୁର ଜିଲାରେ ଦିନକୁ ଦିନ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି । ଦିନ ରାତି ଏକ କରି ସରକାରୀ ତହବିଲରୁ ବାଲି ଓ ମାଟି ଲୁଟ ବଢିବଢି ଚାଲିଛି । ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି । ଅସାମାଜିକ ମାଫିଆଙ୍କ ବିରୋଧରେ ଅଭିଯୋଗ କରିବାକୁ ସାଧାରଣ ଲୋକଙ୍କ ଜୁ ପାଉ ନାହିଁ । ଘେରି ବନ୍ଧ ଆଳରେ ମାଫିଆମାନେ ଲକ୍ଷ ଲକ୍ଷ ଟଙ୍କା ଲୁଟ କରୁଥିବା ବେଳେ ମାଫିଆମାନେ ସ୍ଥାନୀୟ ରାଜନେତା, ସରକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସୀ କରି ଖୁଲମଖୁଲା ଜେସିବି ଓ ଟ୍ରାକ୍ଟର ଲଗାଇ ହରିଲୁଟ କରି ଚାଲିଛନ୍ତି । ଅନ୍ୟପକ୍ଷରେ ଜନସାଧାରଣଙ୍କ ଯାତାୟତ ପାଇଁ ଉଦ୍ଦିଷ୍ଟ ଥିବା ନଦୀ ବନ୍ଧ ରାସ୍ତା ସହ ଗ୍ରାମାଚଂଳ କଂକ୍ରିଟ ରାସ୍ତା ଦୁର୍ବଳ ହେବାରେ ଲାଗିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ରାଉତରାପୁର ପଂଚାୟତ ସାମନ୍ତରାପୁର ରାଜସ୍ୱ କାର୍ଯ୍ୟାଳୟ ଅଧିନରେ ଥିବା ରାଉତରାପୁର ଅଂଚଳରେ । ଘେରି ବନ୍ଧ ମରାମତିରେ ବ୍ୟାପକ ଦୁର୍ନିତି ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ମାଫିଆଙ୍କ ନିକଟରେ ଜାରକା ଜଳସେଚନ ବିଭାଗ ହାଟ ଟେକି ଦେଇଛି ।

ରସୁଲପୁର ବ୍ଲକ ରାଉତରାପୁର ପଂଚାୟତ ଜାରକା ଜଳସେଚନ ବିଭାଗସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଘେରି ଦୁର୍ବଳ ହେବା ସହ ନଦୀ କୂଳିଆ ଲୋକେ ଭୟଭିତ ହୋଇପଡିଥିଲେ । ଏନେଇ ପଂଚାୟତବାସୀ ପୂର୍ବ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ । ତେବେ ସରକାର ଏହାକୁ ଗୁରତ୍ୱର ସହ ନେଇ ଫାଇଭ- ଟି ଯୋଜନାରେ ପାଖାପାଖି ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ତେବେ ଏହି ଘେରି ବନ୍ଧରେ ମହାଦୁର୍ନିତି ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତବାକ, ଘେରି ବନ୍ଧ ମରାମତି ପାଇଁ ଯେଉଁ ସରକାରୀ ନିୟମ ରହିଛି ତାହାକୁ ଅଣଦେଖା କରାଯାଉଛି । ବିନା ସୂଚନା ଫଳକରେ କାମ ଚାଲିଥିବା ବେଳେ ବନ୍ଧ କାମ ବାଲି ମିଶା ମାଟିରେ କାମ ଚାଲିଛି । ସରକାରୀ ନିୟମ ଅନୁଯାୟୀ ଯେଉଁ ସ୍ଥାନରୁ ମାଟି ଆଣିବା ପାଇଁ ଜମି ଚିହ୍ନଟ ହୋଇଥିଲା ସେହି ସ୍ଥାନରୁ ମାଟି ନ ଆଣି ନିକଟରୁ ବ୍ରାହ୍ମଣୀ ନଦୀ କୂଳ, ଅନାବାଦି ଗୋଚର ଜମିରୁ ମାଟି ଆଣୁଛନ୍ତି । ଏପରିକି ନଦୀ ବନ୍ଧ କଡରେ ବିରାଟ ବିରାଟ ଗାଡ ସୃଷ୍ଟି ହୋଇ ମୁଖ୍ୟ ନଦୀ ବନ୍ଧ ଦୁର୍ବଳ ହେବାରେ ଲାଗିଛି । ଏବଂ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି । ଅନ୍ୟପକ୍ଷରେ ଠିକାଦାର ଦିନ ରାତି ଏକ କରି ଜେସିବି ଟ୍ରାକ୍ଟର ଲଗାଇ ବାଲି ମାଟି ଘେରି ବନ୍ଧ ଆଳରେ ଅନ୍ୟ ସ୍ଥାନକୁ ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି । ବାଲି ମିଶା ମାଟିରେ ଘେରି ବନ୍ଧ ମରାମତି ଏହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସାମନ୍ତରାପୁର ରାଜସ୍ୱ କାର୍ଯ୍ୟାଳୟ ନିକଟରୁ ଏହା ଚାଲାଣ ହେଉଥିବା ବେଳେ କର୍ମଚାରୀ କିପରି ଜାଣିପାରୁ ନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ଜାରକା ଜଳସେଚନ ବିଭାଗ ଅଧିକାରୀ ଓ ରସୁଲପୁର ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ । ଏନେଇ ଜିଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ଜିଲା ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏନେଇ ଜାରକା ଜଳସେଚନ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ଏହି ଘଟଣାରେ ମୁହଁ ଖୋଲି ନ ଥିଲେ । ଯାହାକି ମାଫିଆ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଯୁବ ସ୍ୱାଭିମାନ ପକ୍ଷରୁ ଗୋପ ଛକରେ ଜଳଛତ୍ର

କେନ୍ଦ୍ରାପଡ଼ା,୨୮/୪(ନି. ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ଛକ ଠାରେ ସାମାଜିକ ଅନୁଷ୍ଠାନ 'ଯୁବ ସ୍ୱାଭିମାନ' ପକ୍ଷରୁ କାଶ୍ମୀରର ପହଲଗାଁଓ ଠାରେ ନିରୀହ ପର୍ଯ୍ୟଟକଙ୍କୁ ପାକ-ଆତଙ୍କବାଦୀଙ୍କ ନରସଂହାରର ତୀବ୍ର ନିନ୍ଦା କରାଯାଇ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।ଏହି ଅବସରରେ ଅନୁଷ୍ଠାନର ସଭାପତି ଇଂ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇ ଦହିପଣା, ସର୍ବତ ଓ ଥଣ୍ଡାପାଣି ବିତରଣ କରାଯାଇ ଥିଲା। ସାପ୍ତାହିକ ହାଟ ଥିବାରୁ ପ୍ରବଳ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ଲୋକଙ୍କ ବେଶ ଭିଡ଼ ଜମିଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ଉପଦେଷ୍ଟା ଇଂ. ଅକ୍ଷୟ କୁମାର ପାଣି ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ମୁରବୀ ତଥା ଶିକ୍ଷାବିତ ବ୍ରଜକିଶୋର ବିଶ୍ୱାଳଙ୍କ ସମେତ ପ୍ରାକ୍ତନ ଜିଲ୍ଲାପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀ, ସଦର ଥାନାଧିକାରୀ ଶୁଭେନ୍ଦୁ ସାହୁ, ଜିଲ୍ଲାପରିଷଦ ସଭ୍ୟ ରଶ୍ମିରଂଜନ ରାଉତ, ଅଧିବକ୍ତା ରମଣୀ ରଞ୍ଜନ ରାଉତରାୟ ତଥା ସୁବୁଦ୍ଧି ଚରଣ ସାହୁ, ସନ୍ତୋଷ ବରାଳ, ପ୍ରତାପ ନାୟକ, ପୀତବାସ ବେହେରା, ଦୁର୍ଗାପ୍ରସାଦ ସ୍ୱାଇଁ, ସୁଜିତ ବେହେରା, ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗଦେଇ କାଶ୍ମୀରରେ ପାକ ପ୍ରାୟୋଜିତ ଆତଙ୍କବାଦର କଡା ସମାଲୋଚନା କରିଥିଲେ। ୨୬ଜଣ ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା।

## ସ୍ତ୍ରୀକୁ ମାରିବାକୁ ଯାଇ ନିଜ ଜୀବନ ହରାଇଛି ସ୍ୱାମୀ

ଖୋର୍ଦ୍ଧା,୨୮/୪(ନି. ପ୍ର): ସ୍ତ୍ରୀକୁ ମାରିବାକୁ ଯାଇଥିବା ବେଳେ ନିଜ ଜୀବନ ହରାଇଛି ସ୍ୱାମୀ। ଗୁରୁତର ଅବସ୍ଥାରେ ସ୍ତ୍ରୀ ଓ ଶାଶୁ ଚିକିତ୍ସା ହେଉଛନ୍ତି।ଗତକାଲି ବିଳମ୍ବିତ ରାତିରେ ଶ୍ୱଶୁର ଘରେ ତୁମୁଳକାଣ୍ଡ ଘଟାଇଥିବା ଜ୍ୱାଇଁ ଆକ୍ରମଣର ଶିକାର ହୋଇଛି। ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ଜଟଣୀ ନିକଟ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗ୍ରାମଡିହ ଗାଁରେ । ମୃତ ବ୍ୟକ୍ତି ହେଲେ ଦିବାକର ବସ୍ତିଆ। ଅଭିଯୋଗ ଅନୁଯାୟୀ, ଗ୍ରାମଡିହ ଗାଁର ପ୍ରମୋଦ ଜେନାଙ୍କ ଝିଅ ଲକ୍ଷ୍ମୀପ୍ରିୟା ପାରିବାରିକ କଳହ ଯୋଗୁଁ ପ୍ରାୟ ଦେଢ଼ ବର୍ଷ ହେଲା ଶାଶୁଘର ଛାଡ଼ି ବାପଘରେ ରହି ଆସୁଛନ୍ତି। ଶନିବାର ବିଳମ୍ବିତ ରାତିରେ ଜ୍ୱାଇଁ ଦିବାକର ବସ୍ତିଆ ଶ୍ୱଶୁର ଘରେ ପହଂଚି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଏଥିରେ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିବାର ଉଦ୍ଦେଶ୍ୟ ରଖିଥିଲେ ବୋଲି କୁହାଯାଉଛି। ଏପରିକି ଦିବାକର ବିଳମ୍ବିତ ରାତିରେ ନିଜ ସ୍ତ୍ରୀ ଓ ଶାଶୁଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ତେବେ ମା'- ଝିଅଙ୍କୁ ଆକ୍ରମଣରୁ ରକ୍ଷା କରିବାକୁ ପ୍ରମୋଦଙ୍କ ପରିବାର ଲୋକେ ଦିବାକର ଉପରେ ପାଲଟା ଆକ୍ରମଣ କରିଥିଲେ। ଏଥିରେ ଦିବାକର ଆହତ ହୋଇଥିଲା। ତାକୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଜ୍ୱାଇଁର ଆକ୍ରମଣରେ ଗୁରୁତର ସ୍ତ୍ରୀ ଓ ଶାଶୁ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ଇନଫୋଭ୍ୟାଲି ପୋଲିସ ଘଟଣାସ୍ଥଳରେ ପହଂଚି ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଆ ଅସ୍ମିତା ଓ ଭାଷାର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା,୨୮/୪(ନି. ପ୍ର): କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ 'ଓଡ଼ିଆ ଅସ୍ମିତା ଓ ଭାଷାର ରକ୍ଷକ କର୍ମବୀର ଗୌରୀଶଙ୍କର ରାୟ କାହିଁକି ଉପେକ୍ଷିତ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରଥମେ ପହେଲ ଗକ୍ଷମ ରେ ହୋଇଥିବକ୍ଷ ଅକ୍ଷତଙ୍କ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ସେମାନଙ୍କୁ ଧରି କଠୋର ଦଣ୍ଡ ଦେବାକୁ ଦାବି କରିବା ସହ ଦିବଂଗତ ଆତ୍ମା ମାନଙ୍କ ସଦ୍ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନକ୍ଷ କରାଯାଇଥିଲା। ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ସଞ୍ଜୟ କୁମାର ମଥାନ ବେଦ ପାଠ, ସମ୍ପାଦକ ସ୍ୱପ୍ନାଶୁ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ସମ୍ମାନିତ ଅତିଥି ଭାବେ ମୌସୁମୀ ସାହିତ୍ୟ ସଂସଦର ସମ୍ପାଦକ ଡ.ଶ୍ରୀଧର କୁମାର ସାମଲ,ଓଡିଆ ଅଧାପକ ସୁକାନ୍ତ କୁମାର ପ୍ରଧାନ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ୍, ପ୍ରାଧାପକ ଡ଼ ଚୈତ୍ୟନ ଚରଣ ପରିଡ଼ା, ସାହିତ୍ୟିକା ନିରୁପମା ରାଉତ୍ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷାର ସୁରକ୍ଷା ଓ ଭାଷା କୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନରେ କର୍ମବୀର ଗୌରିଶଙ୍କରଙ୍କ ଅତୁଳନୀୟ ଅବଦାନ ସତ୍ୱେ ତାଙ୍କର ସ୍ମୃତିଚାରଣ, ଜିଲ୍ଲା କାର୍ଯ୍ୟାଳୟ ମାନଙ୍କରେରେ ପ୍ରତିମୂର୍ତି ପ୍ରତିଷ୍ଠା, ଓ ଅବଦାନ ସମ୍ପର୍କରେ ପ୍ରଚାର, ପ୍ରସାର ଆଦି କ୍ଷେତ୍ରରେ ଉଭୟ ସରକାରୀ କିମ୍ବା ବେସରକାରୀ କ୍ଷେତ୍ରରେ ଉଦ୍ୟମ କରାଯାଉନାହିଁ ବୋଲି କହିଥିଲେ। ବକ୍ତାମାନେ ତାଙ୍କ ଜନ୍ମ ଦିକ୍ଷୀତପଡ଼ା ପୀଠକୁ ଏକ ପର୍ଯ୍ୟଟକ କ୍ଷେତ୍ରରେ ପରିଣତ କରିବା ପାଇଁ ଦାବୀ କରିଥିଲେ। ଆଲୋଚନକ୍ଷ ରେ ଭାଗ ନେଇ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି, ମେଜର ଭରତ ଚନ୍ଦ୍ର ଜେନା, ପ୍ରେମାନନ୍ଦ ଜେନା ଗୌରୀ ଶଙ୍କରଙ୍କ ସ୍ମୃତି ଚାରଣ ସହ ଓଡ଼ିଆ ବିଶ୍ୱବିଦ୍ୟାଳୟଟିକୁ ତାଙ୍କ ନାମରେ ନାମିତ କରିବାକୁ ସରକାରଙ୍କୁ ସମୂହ ଭାବେ ସ୍ମାରକପତ୍ର ପ୍ରଦାନ ପାଇଁ ଅନୁରୋଧ କରିଥିଲେ। କବି ଅଜୟ କୁମାର ପାତ୍ର, ଶୈଳଜକ୍ଷ ଶଙ୍କର ସାମଲ, ରଞ୍ଜନ ବାଇ, ଶ୍ରୀଧର ମହାନ୍ତି, ବିଷ୍ଣୁପ୍ରିୟା ସାମଲ, ରଜନୀ କାନ୍ତ ଦାସ, ପ୍ରକାଶ ରଞ୍ଜନ ଦାସ, ବିକ୍ରମ କିଶୋର ସାମଲ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସହଯୋଗ କରିଥିଲେ। ସହ ସମ୍ପାଦକ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେସିସି ବ୍ୟାଙ୍କ କର୍ମଚାରୀ ସଂଘର ସ୍ୱତନ୍ତ୍ର ବାର୍ଷିକ ସାଧାରଣ ପରିଷଦ ବୈଠକ

ଜୟପୁର,୨୮/୪(ନି. ପ୍ର): କୋରାପୁଟ କେନ୍ଦ୍ର ସମବାୟ (କେସିସି) ବ୍ୟାଙ୍କ କର୍ମଚାରି ସଂଘର ସ୍ୱତନ୍ତ୍ର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ଆଜି ଅନୁଷ୍ଠିତ ହୋଇଛି । ବ୍ୟାଙ୍କର ଜୟପୁର ସ୍ଥିତ ମୁଖ୍ୟକାଯ୍ୟାଳୟର ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ଏଆଇସିବିଇଏଫର ସାଧାରଣ ସମ୍ପାଦକ କେ.ଭି.ଏସ ରବି କୁମାର ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏଓବିଇଓ ଭୁବନେଶ୍ୱର ସଭାପତି ସଞ୍ଜିବ ପତି ଉପସ୍ଥିତ ଥିଲେ । ଏଆଇସିବିଇଏଫର ସହକାରି ସମ୍ପାଦକ, ସମ୍ମାନିତ ଅତିଥି ଭାବେ ଏଓସିବିଇଏଫର ସାଧାରଣ ସମ୍ପାଦକ ପ୍ରବୋଦ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଏଓସିସିବିଇଏଫର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ କେସିସି ବ୍ୟାଙ୍କ ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ନିର୍ଦ୍ଦେଶକ ରମା କାନ୍ତ ରାଉଳ, କେସିସି ବ୍ୟାଙ୍କ କର୍ମଚାରି ସଂଘର ସଭାପତି ଦିଗାମ୍ବର ନାୟକ, ସମ୍ପାଦକ ଅରୁଣ କୁମାର ସାହୁ ଉପସ୍ଥିତ ଥିଲେ । ଏଠାରେ ଗୋଟିଏ ଦେଶ, ଗୋଟିଏ ସମବାୟ ବ୍ୟାଙ୍କ, ଗୋଟିଏ ନିୟମ, ସମାନ ଦରମା ଦାବି କରାଯାଇଛି । କର୍ମଚାରି ମାନେ ଏକ ଶୋଭାଯାତ୍ରାରେ ବ୍ୟାଙ୍କ ପରିସରରେ ପହଂଚି ଥିଲେ। ସଂଘ ପତକାକୁ ଉତୋଳନ କରାଯାଇଥିଲା । ଅତିଥି ଓ ସଂଘ କର୍ମକର୍ତା, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରି ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ୱତନ୍ତ୍ର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଅବିଭକ୍ତ କୋରାପୁଟ ଜିଲାର ୫୫ ଲ୍ୟାମ୍ପ, ୨୩ଟି ଶାଖା, ରାଜ୍ୟର ୩୦ଟି ଜିଲାର ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ । ଏହି ସଭାରେ ଦିଗାମ୍ବର ନାୟକ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ମଂଚ ପରିଚାଳନା କରିଥିଲେ।

# କାନପୁର ନଦୀବନ୍ଧ ପ୍ରକଳ୍ପର ସ୍ଲୁଇସ ଗେଟ ବନ୍ଦ : ବୈତରଣୀ ନଦୀ ତଳ ମୁଣ୍ଡରେ ଜଳସଙ୍କଟ, ଖରାଟିଆ ଧାନ ଚାଷ ପ୍ରଭାବିତ

ଚମ୍ପୁଆ,୨୮/୪(ନି. ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବାସୁଦେବପୁର ଠାରେ ନିର୍ମାଣାଧୀନ କାନପୁର ବୃହତ୍ ନଦୀବନ୍ଧ ପ୍ରକଳ୍ପର ମୁଖ୍ୟ ଗେଟ୍ ନିର୍ମାଣ ପାଇଁ ସ୍ଲୁଇସ ଗେଟ୍ ବନ୍ଦ୍ କରାଯିବା ଯୋଗୁ ବୈତରଣୀ ନଦୀରେ ଜଳ ପ୍ରବାହରେ ବାଧା ସୃଷ୍ଟି ହୋଇଛି। ଗତ ୨୩ ତାରିଖରୁ ଗେଟ୍ ବନ୍ଦ କରାଯିବା ପରେ ନଦୀର ତଳ ମୁଣ୍ଡରେ ଜଳସଙ୍କଟ ଦେଖାଯିବା ସହ ଉଠା ଜଳସେଚନ ପ୍ରକଳ୍ପରେ ହୋଇଥିବା ଖରାଟିଆ ଧାନ ଚାଷ ପ୍ରଭାବିତ ହୋଇଛି। ପାଣି ଅଭାବରୁ ଚାଷ ଉଜୁଡ଼ିବା ଆଶଙ୍କା କରି ଚାଷୀମାନେ ଶୁକ୍ରବାର ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡାଙ୍କ ଦ୍ୱାରସ୍ଥ ହେବା ସହ ପାଣି ଯୋଗାଇଦେବାକୁ ନିବେଦନ କରିଥିଲେ। ଆଜି ଉପଜିଲ୍ଲାପାଳ କୃଷି ବିଭାଗ ଅଧିକାରୀ ମାନଙ୍କ ସହ ଘଟଣା ସ୍ଥଳରେ ପହଂଚି ଚାଷ ଓ ନଦୀର ଜଳସ୍ତର ସ୍ଥିତି ଅନୁଧାନ କରିଥିଲେ। ଖୁବ୍‌ଶୀଘ୍ର ପ୍ରକଳ୍ପ ପକ୍ଷରୁ ପମ୍ପିଙ୍ଗ ମାଧ୍ୟମରେ ଜଳ ଯୋଗାଇ ଦେବାକୁ ଉଚ୍ଚ ଅଧିକାରୀଙ୍କୁ ନିବେଦନ କରିବେବୋଲି ଉପଜିଲ୍ଲାପାଳ ଚାଷୀମାନଙ୍କୁ ଆଶ୍ୱାସନା ଦେଇଥିଲେ। ସୂଚନା ଯୋଗ୍ୟକି ପାଣି ଅଭାବ ଜନିତ କାରଣରୁ ଉକ୍ତ ନଦୀରେ ଉଠା ଜଳସେଚନ ପକ୍ଷରୁ ଦିଆଯାଇଥିବା ଜଳ ପ୍ରକଳ୍ପଗୁଡିକ ଅଚଳ ହୋଇପଡିଥିବା ବେଳେ ଖରାଟିଆ ଧାନ ଚାଷ କରିଥିବା ଚାଷୀଙ୍କ ମଧରେ ଭାଳେଣି ପଡିଯାଇଛି। ପାଣି ନପାଇଲେ ଚମ୍ପୁଆ ବ୍ଲକ୍‌ର କୁଦାପି, କୁଟାରିପଶି, କଙ୍କଡାପାଟ, ଅଡଙ୍ଗାପାଳ, ଜଗନ୍ନାଥପୁର, ସାତହଳିଆ, ମଙ୍ଗଳପୁର, ଗୋଧୂଳି ଆଦି ଗ୍ରାମରେ ଏକର ଏକର ଧାନ ଚାଷ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ଖରାଟିଆ ଢିପ ଧାନ ବିଲ ଫାଟିବା ଆରମ୍ଭ କରିଥିବା ବେଳେ ଖାଲୁଆ ଜମିରେ ଧାନ ଫୁଲ ଫୁଟିବା ଆରମ୍ଭ କଲାଣି। ଏହି ସମୟରେ ପ୍ରକଳ୍ପ ପକ୍ଷରୁ କୌଣସି ପୂର୍ବ ସୂଚନା ଦିଆନଯାଇ ପାଣିବନ୍ଦ କରାଯିବାକୁ ଚାଷୀ ମାନେ ବିରୋଧ କରିବା ସହ ଚାଷ କାମ ସରିବା ପର୍ଯ୍ୟନ୍ତ ନଦୀରେ ପାଣି ଛାଡିବାକୁ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। ଉପଜିଲ୍ଲାପାଳଙ୍କ ସହିତ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ଓଭରସିଓର ଅଜିତ ସେଠୀ ଉପସ୍ଥିତ ଥିଲେ।

# ଭଦ୍ରକର ଡିଜେ-ବିଦ୍ୟୁତ୍ ମୃତ୍ୟୁ ପ୍ରସଙ୍ଗ: ଏକ୍ସନ ଟେକେନ୍ ରିପୋର୍ଟ ମାଗିଲା ଏନ୍‌ଏଚଆରସି

ଭଦ୍ରକ,୨୮/୪(ନି. ପ୍ର): ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ହାଟୁଆରୀ ଗ୍ରାମରେ ମହାବିଷୁବ ପଣା ସଂକ୍ରାନ୍ତି ପାଳନ ସମୟରେ ଡିଜେ ଜନିତ ବିଦ୍ୟୁତ୍ ଆଘାତରେ ଦୁଇଜଣଙ୍କ ମୃତ୍ୟୁ ଏବଂ ଅନେକ ଆହତ ହେବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏବଂ ଜିଲା ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପତଙ୍କ ଠାରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ଏଟିଆର) ମାଗିଛି। ଏନଏଚଆରସି ଟିପିଏନଓଡିଏଲର ଅଧୀକ୍ଷଣ ଯନ୍ତ୍ରଙ୍କୁ ମଧ ରିପୋର୍ଟ ମାଗିଛି। ବିଶିଷ୍ଟ ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠିଙ୍କ ଦ୍ୱାରା ଆଗତ ଏକ ଆବେଦନ ଉପରେ ଗୁରୁତ୍ୱାରୋପ କରି ଏନଏଚଆରସି କେଶ୍ ନଂ ୩୫୬/୧୮/୧୮/୨୦୨୫ ମୂଳେ ଗତ ଏପ୍ରିଲ ୨୫ ତାରିଖରେ ଚାରି ସପ୍ତାହ ମଧରେ ଏଟିଆର ମାଗିଥିଲା। ଏଠାରେ ସୂଚନା ଯୋଗ୍ୟ ଓଡ଼ିଶାର ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ହାଟୁଆରୀ ଗ୍ରାମରେ ମହାବିଷୁବ ପଣା ସଂକ୍ରାନ୍ତି ପାଳନ ସମୟରେ ଏହି ହୃଦୟବିଦାରକ ଘଟଣା ଘଟିଥିଲା। ଉତ୍ସବ ଶୋଭାଯାତ୍ରା ସମୟରେ ଡିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆରାସା ଗ୍ରାମର ଶରତ ମହାଲିକ୍ ଏବଂ ହାଟୁଆରୀ ଗ୍ରାମର ମୁନ୍ନା ମଲ୍ଲିକ ମୃତ୍ୟୁବରଣ କରିଥିଲେ। ମହିଳା, ନାବାଳିକା ଝିଅ ଏବଂ ପିଲାମାନଙ୍କ ସମେତ ମଧ ଅନେକ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ଶ୍ରୀ ତ୍ରିପାଠୀଙ୍କ ଆବେଦନରେ ଦର୍ଶାଯାଇଛି। ଯେ ମଙ୍ଗଳା ମନ୍ଦିର ନିକଟରେ ଏକ ଡିଜେ ସଜ୍ଜିତ ପାଟୁଆ ଯାତ୍ରା ଶୋଭାଯାତ୍ରା ୧୧ କେଭି ଉଚ୍ଚ-ଭୋଲଟେଜ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉପରୋକ୍ତ ୨ ଜଣଙ୍କର ମୃତ୍ୟୁ ଏବଂ ୧୪ ରୁ ଅଧିକ ଆହତ ହୋଇଥିଲେ। ମୃତ୍ୟୁବରଣ କରିଥିବା ଦୁଇ ଚିହ୍ନଟ ଯୁବକ ଏହି ସ୍ପନ୍ଦନପୂର୍ଣ୍ଣ ଶୋଭାଯାତ୍ରାର ଅଂଶ ଥିଲେ। ଆୟୋଜକଙ୍କ ଏକ ଗୋଷ୍ଠୀ କହିଛନ୍ତି ଯେ ସେମାନେ ବିଦ୍ୟୁତ୍ ବିଭାଗରୁ ପୂର୍ବ ଅନୁମତି ପାଇଥିଲେ। ସୁରକ୍ଷା ବ୍ୟବସ୍ଥାର ପ୍ରତିଶ୍ରୁତି ସତ୍ୱେ, ମନ୍ଦିର ନିକଟରେ ବିଦ୍ୟୁତ୍ ତାର ସକ୍ରିୟ ରହିଥିଲା, ଯାହା ଫଳରେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା। ତେବେ ପ୍ରତ୍ୟକ୍ଷଦର୍ଶୀମାନେ ଏକ ବିଶୃଙ୍ଖଳିତ ଦୃଶ୍ୟ ବର୍ଣ୍ଣନା କରିଛନ୍ତି । କାରଣ ଭିଡ଼ ଉପରେ ଥିବା ଡିଜେ ଉପକରଣଗୁଡ଼ିକ ଓଭର-ହେଡ୍ ତାର ସହିତ ଜଡିତ ହୋଇ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ବିଦ୍ୟୁତ୍ ପ୍ରବାହ ସୃଷ୍ଟି କରିଥିଲା। ପ୍ରଚଳିତ ଆଇନ, ନିୟମ ଅନୁଯାୟୀ ଓଡ଼ିଶାରେ ଶୋଭାଯାତ୍ରାରେ ଡିଜେ ଅନୁମତିପ୍ରାପ୍ତ ନୁହେଁ ବୋଲି ଶ୍ରୀ ତ୍ରିପାଠି ଯୁକ୍ତି ଦର୍ଶାଇଛନ୍ତି। ଏହା ବ୍ୟତୀତ, ଏପରି ସମସ୍ତ ଶୋଭାଯାତ୍ରା ଏବଂ କାର୍ଯ୍ୟ ପାଇଁ ସ୍ଥାନୀୟ କର୍ତୃପକ୍ଷଙ୍କ ଠାରୁ ପୋଲିସ ଅନୁମତି ନେବା ଜରୁରୀ। ପ୍ରଶ୍ନ ହେଉଛି ସ୍ଥାନୀୟ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ଏପରି ଉଚ୍ଚ ଶବ୍ଦ ଏବଂ ଅସୁରକ୍ଷିତ ଡିଜେ ଶୋଭାଯାତ୍ରାକୁ ବନ୍ଦ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିଥାନ୍ତେ। ଗ୍ରାମପଂଚାୟତର ବାସିନ୍ଦାମାନେ କ୍ଷୋଭ ପ୍ରକାଶ କରି ପ୍ରଶ୍ନ କରିଛନ୍ତି ଯେ ଏକ ପ୍ରମୁଖ ଉତ୍ସବ ସମୟରେ ଏତେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାକୁ କିପରି ଅଣଦେଖା କରାଯାଇପାରିବ। ମୃତକମାନେ ଅନୁସୂଚିତ ଜାତି ସମ୍ପ୍ରଦାୟର। ଏଫଆଇଆର ପଞ୍ଜିକରଣ ଏବଂ ପରବର୍ତୀ ତଦନ୍ତରେ ଏସସି ଏସଟି (ପିଓଏ) ଆଇନର ବ୍ୟବସ୍ଥା ରହିବା ଆବଶ୍ୟକ। ଆବେଦନରେ ଆହୁରି ମଧ କୁହାଯାଇଛି ଯେ ଏହି ପ୍ରସଙ୍ଗରେ ସ୍ଥାନୀୟ ପ୍ରଶାସନର ନିଷ୍କ୍ରିୟତା, ଅବହେଳା ଏବଂ ବିଫଳତା ଯାହା ଫଳରେ ଦୁଇଜଣଙ୍କ ମୃତ୍ୟୁ ଏବଂ ସାତ ଜଣ ଗୁରୁତର ଆହତ ହୋଇଛନ୍ତି, ତାହା ମାନବାଧିକାରର ଗୁରୁତର ଉଲ୍ଲଂଘନ।ତ୍ରିପାଠି ଏନଏଚଆରସିକୁ ଅନୁରୋଧ କରିଛନ୍ତି ଯେ ସେମାନେ ଓଡିଶାର ମୁଖ୍ୟ ସଚିବ ଏବଂ ଭଦ୍ରକର ଜିଲ୍ଲାପାଳଙ୍କୁ ନୋଟିସ ଜାରି କରି ଭୁଲ କାମ କରୁଥିବା ଲୋକଙ୍କ ବିରୁଦ୍ଧରେ ଏବଂ ଲାଇଭ୍ ତାରର ତଦାରଖ ଅଭାବ, ମହୋତ୍ସବରେ ଡିଜେ ବ୍ୟବହାର ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ସମସ୍ତ କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରାରେ ଡିଜେ ବ୍ୟବହାର ବନ୍ଦ କରନ୍ତୁ। ଜିଲ୍ଲାର ପ୍ରାୟ ସମସ୍ତ ପଂଚାୟତରେ ପୋଲିସ ଅନୁମତି ବିନା ଉତ୍ସବ ସମୟରେ ଡିଜେ ବ୍ୟବହାର ହୋଇଆସୁଛି।

# ବାମ୍ ସେଫ୍ ଏବଂ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ପ୍ରଶିକ୍ଷଣ ଶିବିର

ଜୟପୁର,୨୮/୪(ନି. ପ୍ର): ଅବିଭକ୍ତ କୋରାପୁଟ ସହ କଳାହାଣ୍ଡି ଜିଲ୍ଲାକୁ ନେଇ ବାମ୍ ସେଫ୍ ଏବଂ ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସନ୍ଧ୍ୟା ହୋଟେଲ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫ ଜିଲ୍ଲାରୁ ଶତାଧିକ ଶିବିରାର୍ଥି ଯୋଗ ଦେଇଥିଲେ । ଆଇନଜୀବି ତଥା ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଅତିଥି ରୂପେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ । ରାଜ୍ୟ ସଭାପତି ପୀତବାସ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏଥିରେ ମୁଖ୍ୟ ଅତିଥି ଭାବେ ବହୁଜନ ମୁକ୍ତି ପାର୍ଟି ରାଜ୍ୟ ଉପସଭାପତି ଗଙ୍ଗାଧର ଜାଲ ଯୋଗ ଦେଇଥିବା ବେଳେ ପ୍ରଶିକ୍ଷକ ଭାବରେ ଧର୍ମରାଜ ନାଗବନ୍ସି ଯୋଗ ଦେଇଥିଲେ ।

# ୯୦ ବର୍ଷରେ ଓଡ଼ିଆ ଚଳଚ୍ଚିତ୍ର: ପାଳନ ହେଲା ଜନ୍ମଦିନ




ଭୁବନେଶ୍ୱର, ୨୮/୪ (ନି.ପ୍ର): ଭୁବନେଶ୍ୱର ପ୍ରେସ୍ କ୍ଲବ୍ ଠାରେ ପାଳିତ ହେଲା ଆମ ଓଡ଼ିଆ ସିନେମାର ଜନ୍ମଦିନ। ଆମ ସିନେମା ଆଜି ୯୦ ବର୍ଷରେ ପାଦ ଥାପିଛି। ୧୯୩୬ ମସିହା ଏପ୍ରିଲ୍ ୧ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ୨୭ଦିନ ପରେ, ୨୮ ଏପ୍ରିଲ୍ ରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ନିର୍ମିତ, ଆମ ମାଟିର, ଆମ ଭାଷାର ପ୍ରଥମ ସିନେମା 'ସୀତା ବିବାହ' ପୁରୀର ଲକ୍ଷ୍ମୀ ଟକୀଜ୍ ରେ ମୁକ୍ତିଲାଭ କରିଥିଲା। ତେଣୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କୁ ଓଡ଼ିଆ ସିନେମାର ଜନକ ବୋଲି କୁହାଯାଏ। ଓଡ଼ିଆ ଚଳଚ୍ଚିତ୍ରର ୯୦ତମ ଜନ୍ମଦିନ ପାଳନ ଅବସରରେ ଓଲିଉଡ଼ ସିନେ ଜଗତର ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ତଥା ଅନେକ ଟେକନିସିଆନ୍ସ ଯୋଗଦେଇଥିଲେ । ପ୍ରଯୋଜକ ଯୁଗଳ ଦେବତା, ସବ୍ୟସାଚୀ ମହାପାତ୍ର, କୌଶିକ ଦାସ, ଅଜୟ ରାଉତରାୟ, ଗଦାଧର ପୁଛୀ, ବରିଷ୍ଠ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ, ସଂଳାପକାର ଡଃ ରଜନୀ ରଞ୍ଜନ, ବରିଷ୍ଠ କ୍ୟାମେରାମ୍ୟାନ ନିରଞ୍ଜନ ନାୟକ, ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର, ଅଭିନେତା ସୁକାନ୍ତ ରଥ, ହର ରଥ, ଶ୍ରୀତମ ଦାସ, ଶକ୍ତି ବରାଳ, ପାର୍ଥ ସାରଥୀ ରାୟ, ଅଭିନେତ୍ରୀ ସ୍ୱପ୍ନା ମହାନ୍ତି, ପ୍ରତିଭା ପଣ୍ଡା, ଅନୁ ଚୌଧୁରୀ, ଉଷସୀ ମିଶ୍ରଙ୍କ ସମେତ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ, ଯିଏ ଓଡ଼ିଆ ଚଳଚ୍ଚିତ୍ରକୁ ପ୍ରଚାର ଓ ପ୍ରସାର କରିବାରେ ପ୍ରମୁଖ ଭୂମିକା ତୁଲାଇଥାନ୍ତି ସେ ମଧ୍ୟ ଯୋଗଦେଇଥିଲେ। ଏହି ଦିବସ ପାଳନ କରିବା ପାଇଁ ଦୀର୍ଘ ବର୍ଷ ଧରି ପରିକଳ୍ପନା କରିଥିଲେ ଅଭିନେତା ସୁକାନ୍ତ ରଥ । ସମସ୍ତେ ମିଶି ପାଳନ କରିବା ଉଦ୍ଦେଶ୍ୟରେ ତାଙ୍କର ଏହି ପରିକଳ୍ପନାକୁ ସମସ୍ତେ ଢେର ପ୍ରଶଂସା କରିଥିଲେ। ପ୍ରଥମେ ଗୋଟିଏ ଅଡିଓ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା ଏବଂ ଉପସ୍ଥିତ ସମସ୍ତେ ଭାବବିହ୍ୱଳ ହୋଇଥିଲେ । ତେବେ, ଏବେ ଚାରିଆଡ଼େ ଓଡ଼ିଆ ଅସ୍ମିତାର ଚର୍ଚ୍ଚା। ଆମ ସିନେମା ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ଅଙ୍ଗ। କୁହାଯାଏ କୌଣସି ଜାତିର, ମାଟିର, ସଂସ୍କୃତି, ପରମ୍ପରା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, କଳା, ନାଟକ, ସିନେମା ତା'ର ପରିଚୟ ହେଇଥାଏ। ଏସବୁକୁ ପୃଥିବୀର କୋଣ ଅନୁକୋଣରେ ନେଇ ଲୋକଙ୍କ ପାଖରେ ପହଞ୍ଚେଇବାର, ପରିଚିତ କରାଇବାର ପ୍ରମୁଖ ଓ ବଳିଷ୍ଠ ମାଧ୍ୟମ ହେଉଛି ସିନେମା। ଏମିତିକି ଆମ ମାଟିର ପର୍ଯ୍ୟଟନ ସ୍ଥଳୀର ପ୍ରଚାର, ପ୍ରସାରର ଉତ୍କୃଷ୍ଟ ମାଧ୍ୟମ ମଧ୍ୟ ଆମ ସିନେମା। ଆମ ସିନେମାର ଗୌରବମୟ ଇତିହାସକୁ ମନେପକେଇବାର ସମୟ ଆସିଛି। ଆଉ ୧୦ବର୍ଷ ପରେ ଆମ ସିନେମା ୧୦୦ ବର୍ଷରେ ପଦାର୍ପଣ କରିବ। ସେତେବେଳେ ଆମ ସିନେମାକୁ ଆମେ କେଉଁଠି ଦେଖିବାକୁ ଚାହିଁବା, ତା' ପାଇଁ ଆଜିଠୁ ସଙ୍କଳ୍ପ ନେବା।

ଆସନ୍ତୁ ଓଡ଼ିଆ ସିନେମା ସହ ଜଡ଼ିତ ହୋଇ ଆମେ ସମସ୍ତେ ମିଶି ଆଜି ପ୍ରତ୍ୟେକ ବର୍ଷ ପାଳନ କରିବା ''ଓଡ଼ିଆ ଚଳଚ୍ଚିତ୍ର ଦିବସ''। ଆମ ସରକାରଙ୍କ ପାଖରେ ଅନୁରୋଧ ଏଥି ପ୍ରତି ଗୁରୁତ୍ୱ ଦିଅନ୍ତୁ ଏବଂ ଏପ୍ରିଲ୍ ୨୮ତାରିଖକୁ ଓଡ଼ିଆ ଚଳଚ୍ଚିତ୍ର ଦିବସ ଭାବେ ଘୋଷଣା କରନ୍ତୁ। ସେଦିନ ଓଡ଼ିଆ ସିନେମା ବିଷୟରେ ଚର୍ଚ୍ଚା ହେଉ। ଓଡ଼ିଆ ଫିଲ୍ମ ଫେଷ୍ଟିଭାଲ ହେଉ। ଫଟୋ ପ୍ରଦର୍ଶନୀ ହେଉ ଏବଂ ସେଦିନ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉ।

## ପହଲଗାମ୍ ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଆସାମର ଟୋପିବାଜ୍ ବିଧାୟକ, ଏମାନଙ୍କୁ ପ୍ରଥମେ ସାବାଡ କରାଯିବା ଆବଶ୍ୟକ । ସେମିତି ମୁର୍ଶିଦାବାଦର ହିନ୍ଦୁ ହତ୍ୟାକାରୀଙ୍କୁ ପଶ୍ଚିମ ଓଡିଶାରେ ସୁରକ୍ଷା ଦେବାପରି ଲୋକେ ମଧ୍ୟ ରହିଛନ୍ତି । ଏହା ଯେ ପ୍ରଥମଥର ପାଇଁ ହୋଇଛି ତା'ନୁହେଁ । ଅତୀତରେ ସିମୀର ଏକାଧିକ ସନ୍ତ୍ରାସବାଦୀ ଏକାଧିକ ମାସ ଧରି ଓଡିଶାରେ ରହିଥିଲେ । ସେମାନଙ୍କ ପ୍ରତି ମଧ୍ୟ ସତର୍କ ଦୃଷ୍ଟି ରହିବା ଆବଶ୍ୟକ । କାରଣ ପାକ୍ ସନ୍ତ୍ରାସବାଦୀଙ୍କୁ ନିମନ୍ତ୍ରଣ କରି ଆଣି ପହଲଗାମରେ ଗଣହତ୍ୟା ରଚିଥିବା ସନ୍ତ୍ରାସବାଦୀଙ୍କ ଘରଲୋକେ ଏବେ ବି ସୁରକ୍ଷିତ ରହିଛନ୍ତି । ସେମାନଙ୍କର କିଛି ଶାରୀରିକ କ୍ଷୟକ୍ଷତି ହୋଇପାରିନାହିଁ ଏହା ହିଁ ବଡ ଆଶ୍ଚର୍ଯ୍ୟର କଥା । କେବଳ ନିନ୍ଦା ପ୍ରସ୍ତାବ, ବତୀଧରା ଶୋଭାଯାତ୍ରାରେ ଏହି ସମସ୍ୟାର ସମାଧାନ ହେବନାହିଁ । ବିଗତ ଦିନରେ ଶୈଳଶ୍ରୀ ବିହାର ଅଞ୍ଚଳରେ ବଙ୍ଗଳାଦେଶୀ ଲୋକଙ୍କ ଦ୍ୱାରା ସଂଗଠିତ ଆକ୍ରମଣ, ଖାରବେଳ ନଗର ଅନ୍ତର୍ଗତ ମାଳିସାହିରେ ଗଣେଶ/ ସରସ୍ୱତୀ ପୂଜାରେ ଆକ୍ରମଣ ଏବଂ ମୂର୍ତ୍ତି ଭଙ୍ଗାଯିବା ପରି ଘଟଣାମାନ ଘଟିଛି । ଦେଶଦ୍ରୋହର ଏହିସବୁ ଘଟଣାଗୁଡିକ ଆଗଧାଡିର ଗଣମାଧ୍ୟମରେ ସ୍ଥାନ ପାଇପାରୁନାହିଁ, ଯାହାଖାଲି ସୋସିଆଲ ମିଡିଆର ଛୋଟବର୍ଗ ଭିତରେ ଲୁଚିଯାଉଛି । କାଶ୍ମିର, ପଶ୍ଚିମବଙ୍ଗ, ଆସାମପରି ଓଡିଶାରେ ମଧ୍ୟ ବିଦେଶୀଙ୍କୁ ସ୍ୱଦେଶୀ କରିବାକୁ ସବୁ ରାଜନୈତିକ ଦଳର ନିର୍ବାଚନ ଲଢୁଥିବା ନେତାମାନେ ଲାଗିପଡିଛନ୍ତି,ଏମାନଙ୍କର ଚିହ୍ନଟ ହେବା ଦରକାର । ପହଲଗାମର ପହଲ କେବଳ ସୀମିତ କ୍ଷେତ୍ରରେ ହେଲେ ହେବନାହିଁ, ବ୍ୟାପକ କ୍ଷେତ୍ରକୁ ପ୍ରସାରିତ ହେବା ଆବଶ୍ୟକ । ଗାଜାକୁ ଭଲପାଉଥିବା ଲୋକେ ଭାରତକୁ ଭଲପାଇବେ ନାହିଁ । ଭାରତର ନୀତିକୁ ଗ୍ରହଣ କରିବେ ନାହିଁ । ଗାଜାର ସମର୍ଥନରେ ହାମାସର ସମର୍ଥନରେ କାଶ୍ମିରରେ ଯେଉଁ ଗଣ ସମାବେଶ ହୋଇଥିଲା ତାହା ଜଣାଅଛି । ଗତ କିଛିଦିନ ପୂର୍ବେ ହାମାସ ଲୋକ ପାକ୍ ଅଧିକୃତ କାଶ୍ମିରକୁ ଆସି ଇସ୍ରାଏଲର ପର୍ଯ୍ୟଟକଙ୍କ ଉପରେ ଯେପରି ଆକ୍ରମଣ ହୋଇଥିଲା, ସେହିପରି ଆକ୍ରମଣ ଭାରତ ଉପରେ କରିବାକୁ କହିବା ପରେ ପହଲଗାମ ଆକ୍ରମଓ ହୋଇଛି । ଏସବୁ ଆମେ ଅତୀତ ଦିନମାନଙ୍କରେ ଦେଖି ଆସିଲୁ । ସମ୍ବଲଠାରୁ ମୁର୍ଶିଦାବାଦ ଆମ ସମ୍ମୁଖରେ ଉଦାହରଣ । ମୋଦୀ ଯେତେ ବିକାଶ କରନ୍ତୁ, ଯେତେ ଜିଡିପି ବଢାଇବା କଥା କହୁଥାନ୍ତୁ, ପାକ୍‌ପ୍ରେମୀ ପିଡିପି ଏଠି ଅଛି ସେସବୁକୁ ଧ୍ୱଂସ କରିବା ପାଇଁ, ସନ୍ତ୍ରାସୀଙ୍କୁ ସଂଗ୍ରାମୀଭାବେ ଛିଡା କରିବାଲାଗି ।

ବିଶ୍ୱ ସହ ସଂପର୍କ ଯୋଡୁଥିବା ଭାରତର ପ୍ରଧାନମନ୍ତ୍ରୀ ଜାଣିବା ଆବଶ୍ୟକ ଯେ ଦେଶକୁ ନିଃସ୍ୱ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀମାନେ ସକ୍ରିୟ ରହିଛନ୍ତି । ତେଣୁ ସରକାରଙ୍କୁ ଅଧିକ କଠୋର ହେବାକୁ ପଡିବ । ଦେଶକୁ ଦୁର୍ବଳ କରୁଥିବା ସୁପ୍ରିମକୋର୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସଂସ୍ଥାଗୁଡିକ ଉପରେ ଲଗାମ ଲଗାଇବାକୁ ହେବ । ସନ୍ତ୍ରାସୀଙ୍କ ପ୍ରତି ଶ୍ରଦ୍ଧା ରଖୁଥିବା ବ୍ୟକ୍ତି, ସଂଗଠନଗୁଡିକ ଉପରେ କଟକଣା ଜାରି କରିବାକୁ ହେବ । ପହଲଗାମ ପାଇଁ ଏସବୁ ଗୋଟିଏ ଗୋଟିଏ ପହଲ ହେବ । ଦେଶରକ୍ଷା ପାଇଁ ଏସବୁ ପଦକ୍ଷେପ କଠୋର ହେଲେ ମଧ୍ୟ ଗ୍ରହଣୀୟ, ସ୍ୱାଗତ ଯୋଗ୍ୟ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୮ ତମ ଜୟନ୍ତୀ ପାଳିତ



ଜଳେଶ୍ୱର, ୨୮/୪ (ନି.ପ୍ର): ଜଳେଶ୍ୱର ପୁରୁଣା କୋର୍ଟ ବଜାର ସ୍ଥିତ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତି ଠାରେ ମଧୁବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଅଛି ।ଏହି ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମଧୁବାବୁଙ୍କ ଭୂମିକା ସମ୍ବନ୍ଧରେ ଜଳେଶ୍ୱର ଶାଖାର ସମ୍ପାଦକ ସୁନୀଲ କୁମାର ନାୟକଙ୍କ ସଭାପତିତ୍ୱରେ ଆଲୋଚନା ସଭା ଅନୁଷ୍ଠିତ ହୋଇଅଛି ।ଉକ୍ତ ଆଲୋଚନା ସଭାରେ କେନ୍ଦ୍ରୀୟ କମିଟି ସମ୍ପାଦକ କମଳ ଚକ୍ରବର୍ତ୍ତୀ,ଡ଼ଃ ରମାକାନ୍ତ ଭଞ୍ଜ,ଜିତାରାମ ଦେ, ହେମନ୍ତ ଗିରି, ଅଶୋକ ଦାସ,ଦିଲ୍ଲୀପ ଗିରି, କପିଳେଶ୍ୱର ମହାନ୍ତି, ପ୍ରାଣକୃଷ୍ଣ ଗିରି,ସମରେନ୍ଦ୍ର ଦାସ,ଜୀବନ ପରିଡ଼ା, ଅନିଲ କୁମାର ପରିଡ଼ା, ରାମଚନ୍ଦ୍ର ଜେନା, ଜିତାନ୍ଦ୍ର ଶେଖର ନନ୍ଦୀ,ଡ଼ଃ ନୀଳକଣ୍ଠ ଖଣ୍ଡା,ସତ୍ୟ ସୁନ୍ଦର ଦାସ, ଜୀବନ ପରିଡ଼ା, ମଳୟ କୁମାର ମହାନ୍ତି,ରବିନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ପରିଡା, ବନମାଳୀ ଧଳ, ବିଧାନ ଚନ୍ଦ୍ର ଜେନା,ଅଜିତ କୁମାର ଦାସ, ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଆଲୋଚନା ସଭାରେ ସ୍ମୃତି ଚାରଣ କରିଥିଲେ। ଡ଼ଃ ଅଜିତ କୁମାର ମହାନ୍ତି ସର୍ବଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସାମୁହିକ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା।

# ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୮/୪ (ନି.ପ୍ର): ସୋମବାର ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପବାଚସ୍ପତି ଭାବାନୀଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ବାବୁ ସିଂ, ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପାକିସ୍ତାନ ଉପରେ...

ପରେ ଗୋଟିଏ କଟକଣା ଲଗାଉଛି ଭାରତ ସେପଟେ ଜମ୍ମୁକାଶ୍ମୀର ପୁଲୱାମା, କୁଲଗାମ, ପହଲଗାମ ଓ ଉତ୍ତରକାଶ୍ମୀରରେ ଥିବା ଆତଙ୍କୀଙ୍କ ଠିକଣାକୁ ମାଟିରେ ମିଶାଉଛି ସେନା । ଏନଆଇଏର ତଦନ୍ତ ରିପୋର୍ଟ ଆସିବା ପରେ ଆହୁରି ୧୦ରୁ ୧୫ ଆତଙ୍କୀଙ୍କ ତାଲିକା ତିଆରି କରାଯାଇଛି । ୨ଶହରୁ ଅଧିକ ସନ୍ଦିଗ୍ଧଙ୍କ ହାଜତକୁ ନେଇ ଜେରା କରାଯାଉଛି । ସେପଟେ ଘାଟିରେ ଫୁଲଦମରେ କରାଯାଉଛି ସର୍ଚ୍ଚ ଅପରେସନ ।

### ପ୍ରଶ୍ନପତ୍ର ବିଭ୍ରାଟ: କାଲି ଅସନ୍ତୋଷ...

ହେଲେ ଉତ୍ତର ନପାଇ ହତାଶ ହୋଇଫେରିଛନ୍ତି। ଚେତାବନୀ ଦେଇଛନ୍ତି, ପରୀକ୍ଷା ବାତିଲ ନହେଲେ ୪ ତାରିଖପରେ ଆନ୍ଦୋଳନକୁ ଓହ୍ଲାଇବୁ। ଗତକାଲି ଓଏସଏସସି ଦ୍ୱାରା ପରିଚାଳିତ ଟ୍ରାଫିକ୍ ଓ ଏକ୍ସସାଇଜ ସବ୍-ଇନିସପେକ୍ଟର ପରୀକ୍ଷାରେ ସିଲାବସ୍ ବାହାରେ ସିଜିଏଲ କୋଶ୍ଚିନ ବୁକଲେଟ୍ ପିଲାଙ୍କୁ ମିଳିଥିଲା। ସେପଟେ ଓପିଏସସି ଦ୍ୱାରା ପରିଚାଳିତ ଓସିଏସ ମେନ୍ ପରୀକ୍ଷାର ଆନଥ୍ରାପଲୋଜି ପେପର୍-୧ ଓ ପେପର୍-୨ ପ୍ରଶ୍ନପତ୍ର ଅଦଳବଦଳ ହୋଇଥିବା ଦେଖିବାକୁ ମିଳିଥିଲା। ଯଦିଓ ପରୀକ୍ଷା ଜାରି ରହିଥିଲା, ତେବେ ଏହାକୁ ନେଇ ଅଡୁଆରେ ପଡ଼ିଥିଲେ କମିଶନ୍। ସେପଟେ ଏଭଳି ସାଂଘାତିକ ତ୍ରୁଟି ପରେ ଷ୍ଟାଫ୍ ସିଲେକସନ୍ କମିଶନ୍ ନିଜର ଭୁଲ୍ ସ୍ୱୀକାର କରି ଦୁଃଖ ପ୍ରକାଶ କରିଥିବା ବେଳେ ଏଯାଏଁ ମୁହଁ ଖୋଲିନାହାନ୍ତି ଓପିଏସସି କର୍ତ୍ତୃପକ୍ଷ। ଅନ୍ୟପକ୍ଷରେ ପରୀକ୍ଷା ବାତିଲ୍ ପିଲାଙ୍କ ଦାବି ସଂପର୍କରେ ଆମେ ଓଏସଏସସି ଅଧ୍ୟକ୍ଷ ଅଭୟଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ବି ସେ କୌଣସି ପ୍ରତିକ୍ରିୟା ଦେବାକୁ ମନାକରିଥିଲେ।

### ଭୁବନେଶ୍ୱର ଷ୍ଟେସନରେ...

ସେହିଭଳି କୌଣସି ଲୋକ ସନ୍ଦେହଜନକ କାର୍ଯ୍ୟ କରୁଥିବା ଦେଖିଲେ ତୁରନ୍ତ ଖବର ଦେବା ପାଇଁ ଆରପିଏଫ ପକ୍ଷରୁ କୁହାଯାଇଛି । ଭୁବନେଶ୍ୱର ରେଳ ଷ୍ଟେସନରେ ହାତରେ ମେଟାଲ ଡ଼ିଟେକ୍ଟର ଧରି ଆରପିଏଫ ତନ୍ନ ତନ୍ନ ଯାଞ୍ଚ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସମସ୍ତ ଯାତ୍ରୀଙ୍କର ଲଗେଜ୍ ସ୍କାନ୍ କରିବା ସହ ବ୍ୟାଗ୍ ଚେକିଂ ମଧ୍ୟ କରାଯାଉଛି । ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ରେଳ ଯାତ୍ରୀଙ୍କୁ ଏହିଭଳି ଆଲର୍ଟ କରାଯାଉଛି। ତେବେ କେବଳ ଭୁବନେଶ୍ୱର ନୁହେଁ ସାରା ଦେଶରେ ଏହିଭଳି ଚେକିଂ ଜାରି ରହିଛି । ଅପରପକ୍ଷେ ପହଲଗାମ୍ ହମଲାର ଆତଙ୍କବାଦୀ ମାନେ ଏବେ ବି ଜଙ୍ଗଲରେ ଲୁଚି ରହିଥିବା ନେଇ ଖବର ପାଇଛି ଫୋର୍ସ । ଏଭଳି ଖବର ମିଳିବା ପରେ କାଶ୍ମୀରରେ ମଧ୍ୟ ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି ସୁରକ୍ଷାବାହିନୀ । ଏଲଓସି ଆଖପାଖରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

### କୋଇଲା ଚୋରି ଅଞ୍ଚଳ...

ଶେଷରେ ଖଣିମନ୍ତ୍ରୀ ଓ ସଚିବ ସ୍ତରୀୟ ଟିମ୍ ବି ଜଙ୍ଗଲ ଭିତରେ ଚାଲିଚାଲି ଖଣି ଚୋରି ଦେଖିଲେ । ହେଲେ ଫଳ ଶୂନ । କୁହାଯାଉଛି କାହାକୁ ନପାଇ ୪ ଜଣ ନିରୀହ ଆଦିବାସୀଙ୍କୁ ଖଣି ଚୋର କହି ଜେଲକୁ ପଠାଇ ଦିଆଗଲା । ହେଲେ ଗୋଟିଏ ଶୁଣାଣିରେ ସେମାନଙ୍କୁ ଜାମିନ ମିଳିଯିବା ପରେ, ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାଫିଆଙ୍କୁ କିଏ ଦଉଛି ସୁରକ୍ଷା ? ତଦନ୍ତ ନାଁରେ ମାଫିଆଙ୍କୁ ଖସିଯିବାକୁ ସୁଯୋଗ ଦିଆଯାଉଛି କି ? ସରକାରୀ ନାଲି ଫିତା ତଳେ ଚପି ଯିବନି ତ କୋଇଲା କେଲେଙ୍କାରୀ ? ୨୦୧୭, ୨୦୧୯ , ୨୦୨୩ ଓ ଏବେ ୨୦୨୫ ବାରମ୍ବାର ଖଣିଚୋରି ଧରିଛି ଗଣମାଧ୍ୟମର କ୍ୟାମେରା । କୁହାଯାଉଛି ମାଫିଆଙ୍କ ହାତ ଏତେ ଲମ୍ବା ଯେ, ବର୍ଷ ପରେ ବର୍ଷ ସରକାର ପଛେ ବଦଳି ଯାଉଛି, କୋଇଲା ମାଫିଆ କିନ୍ତୁ ଧରାପଡୁନହାନ୍ତି । ଆଜି ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ଦାବି ଦୋହରାଇଛନ୍ତି ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ । କଂଗ୍ରେସ ବିଧାୟକ ରାଜନ ଏକା ମଧ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ସୁନ୍ଦଗଡ଼ବାସୀଙ୍କ ସନ୍ଦେହ ଯେ, ବର୍ଷବର୍ଷ ଧରି ପ୍ରଶାସନର ଜାଣତରେ କୋଟି କୋଟି ଟଙ୍କାର କୋଇଲା କେଲେଙ୍କାରୀ ଚାଲିଥିଲା । ନେତା, ଅଫିସରଙ୍କ ସମର୍ଥନରେ ଖଣି ଖୋଳ କରୁଥିଲେ ମାଫିଆ । ତେଣୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେବାର ନାହିଁ ।

### ବିଶୃଙ୍ଖଳିତ ଆଚରଣ...

ବିଶେଷ କରି ଗ୍ରେଡ ହ୍ରାସ ଓ ୧ ହଜାରରୁ ୫୦୦୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇଛି । ଫାଇନ ଟଙ୍କା ମେ' ମାସ ୯ ତାରିଖ ସୁଦ୍ଧା ନ ଦେଲେ ଦିନକୁ ୧୦୦ ଟଙ୍କା ହିସାବରେ ଅତିରିକ୍ତ ଟଙ୍କା ଦେବାକୁ ପଡିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ସେହି ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର କ୍ରୀଡା, ପୁରସ୍କାର ଓ ପ୍ରତିନିଧିତ୍ୱ ମୂଳକ କାର୍ଯ୍ୟକଳାପରେ ଭାଗୀଦାର ହୋଇ ପାରିବେ ନାହିଁ ବୋଲି କୁହାଯାଇଛି।

### ପରୀକ୍ଷାର୍ଥୀଙ୍କ ଜୀବନ....

ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଏହାକୁ ତୁଲାଇବାରେ ବିଫଳ ନା ଜାଣିଶୁଣି ଏମିତି କରୁଛନ୍ତି ସେମାନେ ଏମିତିକା ଅନୁଷ୍ଠାନରେ ରହିବା ଉଚିତ ନୁହେଁ ବୋଲି ସେ କହିଛନ୍ତି । ପରୀକ୍ଷାର୍ଥୀ ସଂଘର୍ଷ କରି ପ୍ରସ୍ତୁତି କରୁଛନ୍ତି। ତେଣୁ ସେମାନଙ୍କ ଜୀବନ ସହ ନ ଖେଳି ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଉଚିତ। ଏବଂ ସେମାନଙ୍କୁ ରାଜ୍ୟ ସରକାର ଦଣ୍ଡ ଦେବା ଉଚିତ ବୋଲି ରାମଚନ୍ଦ୍ର କାଡାମ କହିଛନ୍ତି ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହେଲା ମଧୁବାବୁଙ୍କ ୧୭୮ତମ ଜୟନ୍ତୀ




ବାଲେଶ୍ୱର, ୨୮/୪ (ନି.ପ୍ର): ଦିନେ ଯେଉଁ ବାଲେଶ୍ୱର ଜିଲ୍ଲାସ୍କୁଲରେ ଉତ୍କଳଗୌରବ ମଧୁସୂଦନ ଦାସ ଶିକ୍ଷକତା କରିଥିଲେ, ସେହି ପବିତ୍ର ଶିକ୍ଷାନୁଷ୍ଠାନ ପରିସରରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ନିର୍ମିତ ହୋଇଥିବା ମଧୁବାବୁଙ୍କ ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ତାଙ୍କର ୧୭୮ତମ ଜୟନ୍ତୀ ତିଥିରେ ଆଜି ମାଲ୍ୟାର୍ପଣ କରାଯାଇ ଭକ୍ତିସୁମନ ଅର୍ପଣ କରାଯିବା ସହ ମଧୁବାବୁଙ୍କର ବାଲେଶ୍ୱର ସହରରେ ଥିବା ସ୍ମୃତିକୁ ରୋମନ୍ଥନ କରାଯାଇଥିଲା । ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏହି ମାଲ୍ୟାର୍ପଣ ଓ ଜୟନ୍ତୀ ଉତ୍ସବ ପାଳନରେ ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସମ୍ପାଦକ ଡ. କାଳୀପଦ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଓ ଜିଲ୍ଲାସ୍କୁଲର କେତେକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ମାଲ୍ୟାର୍ପଣ ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ଏହାପରେ ଜିଲ୍ଲାସ୍କୁଲ ସଭାଗୃହରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ସଭାପତିତ୍ୱ କରିଥିବାବେଳେ ଆଡଭୋକେଟ୍ ବିଜୟ କୁମାର ପାଣିଗ୍ରହୀ, ଆଡ୍‌ଭୋକେଟ୍ ଭୁବନାନନ୍ଦ ଦାସ, ଆଡଭୋକେଟ୍ ସ୍ନେହଲତା ଦାଶପତି, ଶିକ୍ଷୟିତ୍ରୀ ପି. ସୁସ୍ମିତା ଏବଂ ସମ୍ପାଦକ ଡ. କାଳୀପଦ ପଣ୍ଡା ମଧୁବାବୁଙ୍କର ତ୍ୟାଗ ଓ ବଳିଦାନ ପାଇଁ ଆମେ ନିଜର ଜାତୀୟ ପରିଚୟକୁ ବାଜୟ ରଖିବାରେ ସକ୍ଷମ ହୋଇପାରିଲା ବୋଲି ମତବ୍ୟକ୍ତ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫୁଲ୍ଲ କୁମାର ଦାସ । ଏହି ମାଲ୍ୟାର୍ପଣ ଓ ସ୍ମୃତିଚାରଣ ସଭାରେ ଦାମୋଦର ନାୟକ, ରାଜେନ୍ଦ୍ର ରାଉତ, ଡ. ପ୍ରଦୀପ୍ତ କୁମାର ମିଶ୍ର, ସୁଦର୍ଶନ ଜେନା, ଦୁକୂଳ ଚନ୍ଦ୍ର ଘରାଇ, ବିଜନ କୁମାର ଦେ, କଲ୍ୟାଣୀ ନନ୍ଦ, ଯୋଗେଶ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଜେନା, ଭାଗ୍ୟଶ୍ରୀ ସାହୁ, ପୀତାମ୍ବର ଦାସ, ଶରତ କୁମାର ବିଶ୍ୱାଳ, ମସବୁର ଅଲି ଖାଁ, ସୁବାସ ଚନ୍ଦ୍ର ଚନ୍ଦ, ପରମେଶ୍ୱର ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## କଂଗ୍ରେସ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ

ଭୁବନେଶ୍ୱର, ୨୮/୪ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ରାଜଭବନ ଛକ ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ କାର୍ଯ୍ୟାଳୟରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ।

# ଗୋବରଘୋଟା ପଞ୍ଚାୟତରେ ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ଓ ସ୍ୱାଭିମାନ ଦିବସ ପାଳିତ

ଜଳେଶ୍ୱର, ୨୮/୪ (ନି.ପ୍ର): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମହାନ୍ ବିନ୍ଧାଣି ତଥା କୋଟି କୋଟି ଓଡ଼ିଆଙ୍କ ପ୍ରିୟ ମଧୁବାବୁଙ୍କର ଆଜି ଜନ୍ମ ଜୟନ୍ତୀ ଉପଲକ୍ଷେ ଜଳେଶ୍ୱର ବ୍ଲକ ଗୋବରଘୋଟା ପଞ୍ଚାୟତରେ ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ,ସ୍ୱାଭିମାନ ଦିବସ ଶିକ୍ଷକ ଶୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି ।ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଭକ୍ତକବି ଦୀନକୃଷ୍ଣ ଦାସ ନିଜ ରଚନା ମାଧ୍ୟମରେ ଯେଉଁ ଛାପ ଛାଡି ଯାଇଛନ୍ତି ତାହା ବୈଷ୍ଣବ କାବ୍ୟ ଧାରାରେ ତାଙ୍କୁ ଚିରଦିନ ଯୁଗ ପ୍ରବର୍ତ୍ତକ କରି ରଖିବ ।ଦୀନକୃଷ୍ଣଙ୍କ ରଚିତ ରସକଲ୍ଲୋଳ କାବ୍ୟର ଉତ୍କର୍ଷତା ଓ ଚମତ୍କାରିତା କେବଳ ଓଡ଼ିଶା




କାହିଁକି ସମଗ୍ର ଦେଶର ସାରସ୍ୱତ ଜଗତ ପାଇଁ ଶାଶ୍ୱତ କଳା ସମ୍ପଦ ଭାବେ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିବ ।କୃଷ୍ଣ ପ୍ରେମ ବା କୃଷ୍ଣ ଲୀଳାକୁ ନେଇ ଯେ ଅତି ଚମତ୍କାର ଢଙ୍ଗରେ ଉତ୍ତୁଙ୍ଗ କବିତ୍ୱ ବା ସାହିତ୍ୟ ସାଧନା କରିହୁଏ ଏହାକୁ ନିଜ ରଚନାରେ ଦୀନକୃଷ୍ଣ ହିଁ ପ୍ରତିପାଦିତ କରି ଯାଇଛନ୍ତି ବୋଲି ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଡଃ ଅଜିତ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।କବି ବସନ୍ତ ଦାସ,ସମାଜସେବୀ ସମୀର କୁମାର ପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ସମ୍ବାଦର ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ।ରବୀନ୍ଦ୍ର କୁମାର ବାରିକ, ବ୍ରଜ ଗୋପାଳ ରାଉତ, ସମିର ଘୋଷ,କବି ରଞ୍ଜନ କୁମାର ଘୋଷ,ସାମ୍ବାଦିକ ମନୋଜ କୁମାର ଭୂୟାଁ,ଜ୍ଞାନେନ୍ଦ୍ର ଜେନା,ଝାଡେଶ୍ୱର ଦତ୍ତ,ସୁକୁଲ ମଣ୍ଡଳ,ସୁଶାନ୍ତ ମଣ୍ଡଳ,ଶଶାଙ୍କ ମଣ୍ଡଳ,ଚନ୍ଦ୍ରକାନ୍ତ ଗିରି,ଭାନୁ ଚରଣ ପ୍ରାମାଣିକ, କବିତା ଦଳେଇ, ସବିତା ଦଳେଇ, ପୂଜା ଜେନା, ଅପରାଜିତା ଜେନା, ସଙ୍କୁନ୍ତଳା ଜେନା,ଅଞ୍ଜନା ଜେନା, ସୁରଞ୍ଜନ ପ୍ରଧାନ, ବିଶ୍ୱଲୋଚନ ବାଗ, ଶୁଭଙ୍କର ବାଗ ବକ୍ତବ୍ୟ ପ୍ରଦାନ କରିବା ସହିତ ସହଯୋଗ କରିଥିଲେ ।ଶେଷରେ ସମାଜ ସେବୀ ତଥା ସମାଜସେବୀ ଚନ୍ଦନ କର ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟରେ ମଧୁବାବୁଙ୍କ ଜୟନ୍ତୀ ତଥା ଓକିଲ ଦିବସ ପାଳିତ

ବାରିପଦା, ୨୮/୪ (ନି.ପ୍ର): ମଧୁସୂଦନ ଦାସଙ୍କ ଜନ୍ମବାର୍ଷିକୀକୁ ପ୍ରତି ବର୍ଷ ଓକିଲ ଦିବସ ରୂପେ ପାଳନ କରାଯାଇଥାଏ ।ଆଜି ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଏକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ରେ ବି ଏ ଏଲ ଏଲ ବି ବିଭାଗ ଦ୍ୱାରା ଓକିଲ ଦିବସ ପାଳନ କରାଯାଇଛି ।ଓଡିଶା ଲୟରର୍ସ ଆସୋସିଏସନ ସହଅଧକ୍ଷ ଜୀବନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଙ୍କ ଓଡିଶା ଓ ଓଡ଼ିଆ ଭାଷା ପ୍ରତି ଅବଦାନ କୁ ସ୍ମୃତିଚାରଣ କରିଥିଲେ। ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ର ସାନ୍ତାଳୀ ବିଭାଗର ମୁଖ୍ୟ ପ୍ରଫେସର ଡ଼ ଯତୀନ୍ଦ୍ର ନାଥ ବେଶ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓକିଲ ମାନଙ୍କର ସମାଜ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧକ୍ଷ ପ୍ରଦୀପ କୁମାର ନାୟକ ଙ୍କ ପୌରହିତ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅଧାପକ ସମ୍ବିତ କୁମାର ମିଶ୍ର, ଶ୍ରୀରାମ ଟୁଡୁ, ଡ଼ ଠାକୁରା ଚରଣ ମାରାଣ୍ଡି, ରଣଜିତ ମାରାଣ୍ଡି, ଅଧାପିକା ସବିତାରାଣୀ ଦାଶ, ରୁପମଞ୍ଜରୀ ବେହେରା, ପ୍ରତିଭା ଦାସ, ଲକ୍ଷ୍ମୀ ଚାପିଆର, ଶସ୍ମିତା ସି,ଦୀପା ପାତ୍ର, କିରଣ ବାଳା ବାସ୍କେ, ସୁଶ୍ରୀ ନାୟକ, ସୁଜାତା ପାଲ, କବିତା ସାହୁ ଯୋଗ ଦେଇ ନିଜର ଅବିଭାଷଣ ରଖିଥିଲେ ।ବି ଏ ଏଲ ଏଲ ବି ବିଭାଗ ର ଅଧାପକ ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏହି ବିଭାଗ ର ସଂଯୋଜକ ଡ଼ ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜ୍ୟୋତି କଳସରଥକୁ ଭବ୍ୟ ସ୍ୱାଗତ

ଉଦଳା , ୨୮/୪ (ନି.ପ୍ର): ଶାନ୍ତିକୁଂଜ ହରଦ୍ୱାର ବିଶ୍ୱ ଗାୟତ୍ରି ପରିବାର ପ୍ରତ୍ୟକ୍ଷ ପରିଚାଳନାରେ ପବିତ୍ର ଜ୍ୟୋତି କଳସ ରଥ ଦେଶବ୍ୟାପି ପରିଭ୍ରମଣ କ୍ରମରେ ଉଦଳାରେ ପହଂଚିଛି । ସ୍ଥାନୀୟ ଗାୟତ୍ରି ପରିବାର ଦ୍ୱାରା ଉକ୍ତ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ଉଦଳା ଗାୟତ୍ରି ପରିବାରର ପଂଚାୟତ ସମିତି ସଂଯୋଜକ କିଶୋରଚନ୍ଦ୍ର ଦାସବାବୁ ଏଠାରେ ଏହାର ନେତୃତ୍ୱ ନେଇଥିବା ବେଳେ ଦୁଃଖିଶ୍ୟାମ ମୁର୍ମୁ, ସ୍ମିତାମହାନ୍ତି, ପ୍ରଜ୍ଞା ପଦ୍ମଗନ୍ଧା ଦାସବାବୁ, ସବିତା ମହାନ୍ତି, ସ୍ୱସ୍ତିକା ପାଣିଗ୍ରାହୀ, କମଳିନି ମୁର୍ମୁ, ଧରିତ୍ରୀ ମୁର୍ମୁ, ବାସନ୍ତି ମାଝୀ, ସୁବ୍ରତ ପ୍ରଧାନ ପ୍ରମୁଖ ସହଯୋଗ କରିଛନ୍ତି । ଧୂପ, ଦୀପ, ଶଂଖ, ହୁଳହୁଳି ଦେଇ ଉକ୍ତ ରଥକୁ ସ୍ୱାଗତ ଜଣାଯାଇଛି । ଏହି ରଥ ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ଗ୍ରାମ ପରିକ୍ରମା ସାରି ଠାକୁରମୁଣ୍ଡା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।



# କୁଳଡିହା ଅଭୟାରଣ୍ୟରେ ଶିକାରୀ ଆକ୍ରମଣରେ ବନକର୍ମଚାରୀ ଆହତ: ଜଣେ ଗିରଫ

ନୀଳଗିରି, ୨୮/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟରେ ଶିକାରୀ ଓ ବନକର୍ମଚାରୀ ମୁହାଁମୁହିଁ ହୋଇଛନ୍ତି । ଏପରିକି ଶିକାରୀ ଆକ୍ରମଣରେ ଜଣେ ବନକର୍ମଚାରୀ ଆହତ ହୋଇଛନ୍ତି ।ସନ୍ତରାଗଡ଼ିଆ ବିଟ ଅଧିନ ଗୁଡିଖାଣିଆ ଅଞ୍ଚଳରେ କିଛି ଶିକାରୀ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବା ନେଇ କୁଳଡିହା ବନବିଭାଗ ଜାଣିବାକୁ ପାଇଥିଲା । ଏସିଏଫ ତଥା କୁଳଡିହା ରେଞ୍ଜ ଅଧିକାରୀ ସୁବ୍ରତ ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କୁ ତୁରନ୍ତ ଶିକାରୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ । ତେବେ ଶିକାରୀଙ୍କୁ ଧରିବାକୁ ଚେଷ୍ଟା ଚାଲିଥିବା ବେଳେ ଶିକାରୀମାନେ ଜଣେ ବନକର୍ମଚାରୀଙ୍କୁ ଆକ୍ରମଣକରି ଖସି ଯିବାକୁ ଚେଷ୍ଟା କରିଥିଲେ ।




ସୂଚନା ଅନୁଯାୟୀ ଜାମପଦା ଅଞ୍ଚଳର ମାଧ ସିଂ ଓ ଶିବ ସିଂ ଗୁଳିଭର୍ତ୍ତି ବନ୍ଧୁକ ଧରି ଆସୁଥିବା ବେଳେ ବନକର୍ମଚାରୀ ତାଙ୍କୁ ଅଟକାଇ ଥିଲେ ।ହେଲେ ଶିକାରୀ ମାଧ ସିଂ ବନକର୍ମଚାରୀ (ସବୁଜବାହିନୀ) ମହେଶ୍ୱର ବେହେରାଙ୍କୁ ବନ୍ଧୁକରେ ମୁଣ୍ଡକୁ ଆଘାତ କରିଥିଲା ।ତାଙ୍କୁ ତୁରନ୍ତ କାବୁ କରାଯାଇଥିବା ବେଳେ ଶିବ ସିଂ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲା । ଏନେଇ ବନବିଭାଗ ଏକ ମାମଲା ରୁଜୁ କରିଥିବା ବେଳେ ଆକ୍ରମଣକୁ ନେଇ ଥାନାରେ ଆଉ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଶିକାରୀ ମାଧ ସିଂଙ୍କୁ ଜେଲହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

# କେୟାର ନେତ୍ରମ ଓ ଆମ୍ବଗାଡ଼ିଆ ବିକାଶ ପରିଷଦର ସହଯୋଗରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବସ୍ତା , ୨୮/୪ (ନି.ପ୍ର): ଆମ୍ବଗାଡ଼ିଆ ବିକାଶ ପରିଷଦ ଓ କେୟାର ନେତ୍ରମ ଭୁବନେଶ୍ୱ ଙ୍କ ସହଯୋଗ ରେ ବେତନଟୀ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାମଡା ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଅଛି । ପୂର୍ବତନ ବିଜୁ ଜନତା ଦଳ ର ରାଜ୍ୟ ଉପସଭାପତି ତଥା ଯୁବ ସମାଜ ସେବୀ ଶ୍ରୀଯୁକ୍ତ ଲଲାଟେନ୍ଦୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି ସେବା କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଶରୀରର ମୁଖ୍ୟ ଅଙ୍ଗ ଚକ୍ଷୁ ବିଷୟରେ ସଚେତନ ସୃଷ୍ଟି କରିବା ପାଇଁ ଆମ୍ବଗାଡ଼ିଆ ବିକାଶ ପରିଷଦର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ର ଆୟୋଜନ କରାଯାଇଥିଲା । ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆଁ ର ମୁଖ୍ୟ ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଶରୀର ପାଇଁ ଚକ୍ଷୁ ର ଆବଶ୍ୟକତା କେତେ ମହତ୍ତ୍ୱପୂର୍ଣ୍ଣ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ମିଶ୍ର , ଶ୍ରୀଯୁକ୍ତ ଭୀମ ଚରଣ ମାଝୀ, ମୁଖ୍ୟ ସଂଯୋଜକ ଶ୍ରୀ ଉମାକାନ୍ତ ଦଳାଇ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ଶୁଭାରମ୍ଭ ରେ ଶ୍ରୀ ଗୌରହରି ପଣ୍ଡା ବେଦ ପାଠ କରିଥିଲେ । ଶ୍ରୀ ଦେବେନ୍ଦ୍ର ଆଚାର୍ଯ୍ୟ ଶିବିରରେ ନାମ ପଞ୍ଜିକରଣ କରିବା ସହ ଗୁଡ୍ ଭିଜନ୍ ଟେକ୍ନିସିଆନ ଟିମ୍ ଲିଡର କେୟାର ନେତ୍ରମ ଭୁବନେଶ୍ୱର ର ଶୁଭସ୍ମୀତା ବେହେରା , ଗୁଡ୍ ଭିଜନ ଟେକ୍ନିସିଆନ୍ କବିତା ପରିଡା , ଶ୍ୟାମା ପାତ୍ର, ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ ରୋଗୀ ମାନଙ୍କୁ ମାଗଣା ଚକ୍ଷୁ ସେବା ପ୍ରଦାନ କରିଥିଲେ । ଏହି ଶିବିରରେ ୫-୧୫ ବର୍ଷ ପର୍ଯ୍ୟନ୍ତ ରୋଗୀମାନଙ୍କ ଦୃଷ୍ଟି ଶକ୍ତି ପରୀକ୍ଷଣ ପରେ ମାଗଣା ଚଷମା ପ୍ରଦାନ କରାଯାଇଥିଲା । ସେହିପରି ୧୫ -୯୦ ବର୍ଷ ପର୍ଯ୍ୟନ୍ତ ରୋଗୀମାନଙ୍କର ମାଗଣା ଦୃଷ୍ଟି ଶକ୍ତି ପରୀକ୍ଷଣ କରାଯାଇଥିଲା । ଶିବିରରେ ଯେଉଁମାନେ ମୋତିଆବିନ୍ଦୁ ରେ ଚିହ୍ନଟ ହେଲେ ସେମାନଙ୍କୁ ସମ୍ପୂର୍ଣ୍ଣ ମାଗଣା ଅସ୍ତ୍ରୋପଚାର ର ବ୍ୟବସ୍ଥା କରାଯାଇଥିଲା । ଏହି ଶିବିରରେ ଅନ୍ୟୁନ ୧୦୦ଜଣ ଶିବିରାର୍ଥି ଚକ୍ଷୁ ପରୀକ୍ଷା କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀ ମନୋଜ ସାହୁ , ଶ୍ରୀ ଗଙ୍ଗାଧର ଦାସ, ଶ୍ରୀ ପରମାନନ୍ଦ ସାହୁ, ଶ୍ରୀ ଶ୍ରୀକାନ୍ତ ସାହୁ , ଶ୍ରୀ ରଘୁନାଥ ସାହୁ, ଶ୍ରୀ ରବିନ୍ଦ୍ର ଦାସ ସହଯୋଗ କରିଥିଲେ । ପରିଶେଷରେ ଚକ୍ରଧର ଆଚାର୍ଯ୍ୟ ଏହି ସେବା କାର୍ଯ୍ୟ ରେ ଯୋଗଦାନ କରିଥିବା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ସଭା ପକ୍ଷରୁ ରୋଗୀମାନଙ୍କର ମଙ୍ଗଳ କାମନା କରିଥିଲେ ।




# ପୂର୍ବତନ ୱାର୍ଡ଼ ମେମ୍ବରଙ୍କ ପରଲୋକ

ବାଲିଆପାଳ , ୨୮/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡାପାଳ ଗ୍ରାମରେ ପୂର୍ବତନ ୱାର୍ଡ଼ ମେମ୍ବର ଅଜୟ କୁମାର ଜେନାଙ୍କ ୮୩ ବର୍ଷ ବୟସରେ ସୋମବାର ସକାଳ ୭ଟା ସମୟରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଜେନା । ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ । ସେ ଖଗଡାପାଳ ଗ୍ରାମରେ ୧୯ ନଂ ୱାର୍ଡ଼ ରେ ୪ ଥର ୱାର୍ଡ଼ ମେମ୍ବର ହୋଇ ଲୋକମାନଙ୍କ ସମସ୍ୟା କଥା ବୁଝି ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ ।ଏହି ଖବର ପରେ ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ସମିତି ସଦସ୍ୟ ସୁଶାନ୍ତ ସେଠୀ,ଗ୍ରାମ ମୁଖ୍ୟ ମଧୁସୂଦନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ,ଗୌରାଙ୍ଗ ବିଶ୍ୱାଳ , ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ମର ଶରୀର ନିକଟରେ ପୁଅ, ବୋହୁ, ଓ ଆତ୍ମୀୟ ସଜଣମାନେ ଉପସ୍ଥିତ ଥିବା ବେଳେ ବଡ ପୁଅ ସୁରେଶ ଜେନା ମୁଖାଗ୍ନି ଦେଇଥିଲେ ।

# ଆନ୍ଦୋଳନର ଚେତାବନୀ ଦେଲା 'ଭଂଜସେନା': ଅଧକ୍ଷ ଡ଼.ଯତିନ ମହାକୁଡ଼ ଓ ଅଧ୍ୟାପକ ଆଲୋକ ପ୍ରଧାନଙ୍କ ବଦଳି ଦାବି

ଉଦଳା , ୨୮/୪ (ନି.ପ୍ର): ଉଦଳା ମହାବିଦ୍ୟାଳୟର କାର୍ଯ୍ୟରତ ଅଧକ୍ଷ ଡ଼. ଯତିନ ମହାକୁଡ଼ ଓ ବରିଷ୍ଠ ଅଧ୍ୟାପକ ଆଲୋକ ପ୍ରଧାନଙ୍କ ବିରୁଦ୍ଧରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ଏଥିପାଇଁ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏହି ଅଧକ୍ଷ ଓ ଅଧ୍ୟାପକଙ୍କୁ ଏଠାରୁ ତୁରନ୍ତ ବଦଳି କରାଯାଉ ବୋଲି ବାରମ୍ବାର ଦାବି ଉଠୁଛି । ତେବେ ଆଜି ପୁଣିଥରେ ଭଂଜସେନା ତରଫରୁ ଏ ବାବଦରେ ଦାବି ଉଠିବା ସହ ମୟୂରଭଂଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉଦଳା ଠାରେ ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଭଂଜସେନା ତରଫରୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି । ସାତ ଦିନ ମଧ୍ୟରେ ଏହି ଦାବି ପୁରଣ ନହେଲେ ଭଂଜସେନା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନି ମଧ ଦିଆଯାଇଛି । ଭଂଜସେନାର କିସନ କୁମାର ସାହୁ ଓ ରବିନ ମହାନ୍ତି ଆଜି ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବାର ଜଣାଯାଇଛି ।

# ବାଲେଶ୍ୱର ଜିଲ୍ଲାର ୨୦୨୪ - ୨୦୨୫ ବିପଣନ ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକ ଅନୁଷ୍ଠିତ

ବାଲେଶ୍ୱର , ୨୮/୪ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଡିଟରିୟମ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲାର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଓଡ଼ିଶା ସରକାରଙ୍କ ସରକାରୀ ଦଳର ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବାଲେଶ୍ୱର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ସୋର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମାଧବ ଧଡ଼ା, ସିମୁଳିଆ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପଦ୍ମଲୋଚନ ପଣ୍ଡା, ମାନ୍ୟବର ଭୋଗରାଇ ବିଧାୟକ ଶ୍ରୀଯୁକ୍ତ ଗୌତମ ବୁଦ୍ଧ ଦାସ, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ମୁଖ୍ୟ ଯୋଗାଣ ଅଧିକାରୀ ତଥା ଜିଲ୍ଲା ପରିଚାଳକ ଶ୍ରୀଯୁକ୍ତ ସଲାଉଦ୍ଦିନ ଖାଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଡି.ଆର.ସି.ଏସ, ଜିଲ୍ଲାର କୃଷି ସମ୍ବଳିତ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ରହି ଧାନ ସଂଗ୍ରହ କମିଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାର ମାନ୍ୟବର ବିଧାୟକଗଣ ନିଜ ନିଜ ଅଂଚଳର ଚାଷୀମାନେ କିପରି ନିଜର ଉଚିତ ସରକାରୀ ସହାୟକ ମୂଲ୍ୟ ପାଇ ପାରିବେ, ଧାନ କ୍ରୟ ନିମନ୍ତେ ଆବଶ୍ୟକ ନିଷ୍ପତ୍ତି, ନିଷ୍ପତ୍ତି ଗୁଡ଼ିକର ସଫଳ କାର୍ଯ୍ୟାନ୍ନୟନ ତଦାରଖ, ଧାନ କ୍ରୟ ନିମନ୍ତେ କେନ୍ଦ୍ର ଗୁଡ଼ିକର ଚାଷୀଙ୍କ ସୁବନ୍ଦୋବସ୍ତ ମଣ୍ଡି ପରିଚାଳନା ପାଇଁ ନୋଡ଼ାଲ ଏବଂ ସୁପରଭାଇଜିଙ୍ଗ ଅଫିସର ବ୍ୟବସ୍ଥା, ସୀମା ସିଲ, ଏଫ.ଏ.କ୍ୟୁ ମାନ ଯାଞ୍ଚ ପାଇଁ ଯନ୍ତ୍ର ଏବଂ କ୍ଲିନିଙ୍ଗ ବ୍ୟବସ୍ଥା ସମ୍ପର୍କରେ ଧାନର ମିଶ୍ରିତ ବାହ୍ୟ ପଦାର୍ଥ ସର୍ବୋଚ୍ଚ ୧୭% ପର୍ଯ୍ୟନ୍ତ କୋହଳ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ ୨୦୨୪-୨୫ ରବି ଋତୁର ଧାନକ୍ରୟ ନିମନ୍ତେ ମୋଟ ୪୭୪୮୬ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୧୯୭୮୦୪୦ କୁଇଣ୍ଟାଲ ଆନୁମାନିକ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ବୈଠକରୁ ଜଣ ପଡ଼ିଛି । ସର୍ବଶେଷରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ ଉପସ୍ଥିତ ସମସ୍ତ ସଦସ୍ୟ / ସଦସ୍ୟାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ଗୌରବ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର, ୨୮/୪ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନରେ ମଧୁବାବୁଙ୍କ ଅଦମ୍ୟ ପ୍ରୟାସ ଏବଂ ଦୃଢ଼ ନେତୃତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ । ଏତଦ୍‌ବ୍ୟତୀତ ସାମାଜିକ ସଂସ୍କାର, ଶିକ୍ଷା ଏବଂ ଅବହେଳିତ ଗୋଷ୍ଠୀର ସଶକ୍ତିକରଣ କ୍ଷେତ୍ରରେ ମଧୁବାବୁଙ୍କର ଜୀବନବ୍ୟାପୀ ଉଦ୍ୟମକୁ ରାଜ୍ୟପାଳ ସ୍ମରଣ କରିଛନ୍ତି ।

# ପ୍ରତାପପୁର ପ୍ରିମିୟର ଲିଗ ଉଦ୍‌ଯାପିତ: ନଈଘାଟି ଦଳ ବିଜୟୀ

ବାଲିଆପାଳ, ୨୮/୪ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରତାପପୁର ପଞ୍ଚାୟତ ଅଧିନସ୍ଥ ହଳଦୀ ପଡ଼ିଆ ଠାରେ ପ୍ରତାପପୁର ପ୍ରିମିୟର ଲିଗ ଶନିବାର ଅନୁଷ୍ଠିତ ହୋଇଯାଇଛି ଏହି ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ ଫାଇନାଲରେ ଡାଙ୍ଗପିଟା ଦଳକୁ ହରାଇ ବାବା ଶଙ୍କରନାଥ କ୍ଲବ, ନଈଘାଟି ଦଳ ବିଜୟୀ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଫାଇନାଲ ଖେଳକୁ ଉଦଘାଟନ କରି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ଏଥିସହ ଆୟୋଜକ ସମସ୍ତ ସଦସ୍ୟବୃନ୍ଦ, ବରିଷ୍ଠ ମୁରବୀ, କ୍ରୀଡ଼ାବିତ, କ୍ରୀଡ଼ାପ୍ରେମୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପ୍ରତାପପୁର ସରପଞ୍ଚଙ୍କ ପ୍ରତିନିଧି ଅଜୟ ପାତ୍ର, ସମିତି ସଦସ୍ୟାଙ୍କ ପ୍ରତିନିଧି ଯୁବ ନେତା ହାଡିବନ୍ଧୁ ରାଉତ, ଅବସରପ୍ରାପ୍ତ ଶିକ୍ଷକ ମନ୍ମଥ ବିଶ୍ୱାଳ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ପ୍ରତାପପୁର ପ୍ରିମିୟର ଲିଗ ପକ୍ଷରୁ ତାପସ ରାଉତ, ରଜନୀକାନ୍ତ ସାହୁ, ସଞ୍ଜୟ ସାହୁ, ଦେବତୋଷ ବାଗ, ବିଜୟ କୃଷ୍ଣ ରାଉତ, ବବୁଲୁ, ରାଜା, ଚଗଲା, ଶିବ ପ୍ରମୁଖ ସଦସ୍ୟ ଟୁର୍ଣ୍ଣାମେଣ୍ଟକୁ ପରିଚାଳନାରେ ସହଯୋଗ କରିଥିଲେ ।



# କବି ଦିବଂଗତ ରମାକାନ୍ତ ରଥଙ୍କ ଶ୍ରେଷ୍ଠ କବିତା ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର, ୨୮/୪ (ନି.ପ୍ର): ଶ୍ରୀରାଧାର ବରେଣ୍ୟ କବି ତଥା ପଦ୍ମ ବିଭୂଷଣ ଦିବଂଗତ ରମାକାନ୍ତ ରଥଙ୍କ "ଶ୍ରେଷ୍ଠ କବିତା" ସଙ୍କଳନ ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଟାଇମ୍‌ପାସ ପବ୍ଲିକେସନ ପକ୍ଷରୁ ଗତକାଲି ବହି ବୈଶାଖୀ ଉତ୍ସବ ଅବସରରେ ଆୟୋଜିତ ପୁସ୍ତକ ଲୋକାର୍ପଣ ପର୍ବରେ ରମାକାନ୍ତ ରଥଙ୍କ ପରିବର୍ଦ୍ଧିତ ଶ୍ରେଷ୍ଠ କବିତା ସଙ୍କଳନକୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଔପନ୍ୟାସିକ ଓ କଥାକାର ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ପୁସ୍ତକର ଅନ୍ୟତମ ସମ୍ପାଦକ ଅଭିଜିତ୍ ନାୟକ ଓ ଟାଇମ୍‌ପାସ୍‌ର ଅଧ୍ୟକ୍ଷ ତଥା କବି ସରୋଜ ବଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କବି ରମାକାନ୍ତ ରଥଙ୍କ କାବ୍ୟ ପ୍ରତିଭା ଉପରେ ଶ୍ରୀଯୁକ୍ତ ପବିତ୍ର ପାଣିଗ୍ରାହୀ ଆଲୋକପାତ କରିଥିଲେ । ଏହି ସଙ୍କଳନକୁ ଔପନ୍ୟାସିକ ପବିତ୍ର ପାଣିଗ୍ରାହୀ ଓ ସାହିତ୍ୟିକ ଅଭିଜିତ୍ ନାୟକ ସମ୍ପାଦନା କରିଛନ୍ତି ଏବଂ ଟାଇମ୍‌ପାସ୍ ଏହି ସଙ୍କଳନଟିକୁ ପ୍ରକାଶିତ କରିଛି ।



# ପ୍ରେସ କ୍ଲବ ପକ୍ଷରୁ ସ୍ୱାଭିମାନ ଦିବସ ଓ ଶ୍ରଦ୍ଧାଞ୍ଜଳି ସଭା

ବଡ଼ସାହି , ୨୮/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ଆଜି ଅପରାହ୍ନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପୁରୁଣା ବାରିପଦା ଠାରେ ପାଳିତ ହୋଇ ଯାଇଛି । ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସରପଞ୍ଚ ଭୋଳାନାଥ ସିଂ, ବିମଳ ମିଶ୍ର, ସମାଜ ସେବୀ କାର୍ତ୍ତିକ ଚନ୍ଦ୍ର ବେହେରା, ଦୁର୍ଗାଦତ୍ତ ବେହେରା, ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ, ଯୁବ ନେତା ମହେଶ୍ୱର ସିଂ ପ୍ରମୁଖ ଯୋଗଦେଇ ମଧୁବାବୁ ଙ୍କ ନୀତି ଓ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ସହସଂପାଦକ ଶାନ୍ତନୁ କୁମାର ମହୁଆଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ପ୍ରାରମ୍ଭରେ ମଧୁବାବୁ ଓ ଉତ୍କଳମଣି ଗୋପବନ୍ଧୁ ଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା । ପରେ ଜାମ୍ମୁ କାଶ୍ମୀରର ପହେଲଗାମ୍ ରେ ଆତଙ୍କବାଦୀ ଙ୍କ ଆକ୍ରମଣ ରେ ମୃତକ ଙ୍କ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମ କୁ ପ୍ରେସ କ୍ଲବର କୋଷାଧକ୍ଷ ଯୋଗେଶ୍ୱର ସାହୁ, ହିରେନ ରାୟ, ସୂର୍ଯ୍ୟକାନ୍ତି ପୃହାଣ, ଜୟନ୍ତ କୁମାର ସ, ବିଶ୍ୱଜିତ ଦାଶ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମହୁଆଳ, ମାଣିକ ହେମ୍ରମ, ସମ୍ବିତ ରାଉତ ପ୍ରମୁଖ ପରିଚାଳନା କରିଥିଲେ । ସଂପାଦକ ଡକ୍ଟର କୁମାର ବାବୁଲି ଧନ୍ୟବାଦ ଦେଇଥିଲେ ।



# ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ଜଳେଶ୍ୱର ଶାଖା ଓ ନୂତନ କିରଣ ଅନୁଷ୍ଠାନ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

ଜଳେଶ୍ୱର, ୨୮/୪ (ନି.ପ୍ର): ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ୍ୱର ଅନନ୍ତ ଶ୍ରୀ ବିଭୂଷିତ ଶ୍ରୀମଦ୍ ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ଭଗବାନ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପୀଠ-ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ଜଳେଶ୍ୱର ଶାଖା ଓ ନୂତନ କିରଣ ଅନୁଷ୍ଠାନ ତରଫରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ବେଲବାରିଆ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରବିବାର ପୂର୍ବାହ୍ନ ୧୦ ଘଟିକାରେ ବାଲେଶ୍ୱର ରକ୍ତଭଣ୍ଡାରର ଡାକ୍ତର ବସନ୍ତ ଉପାଧ୍ୟାୟ ଫିତା କାଟି ଶିବିରକୁ ଶୋଭାରମ୍ଭ କରିଥିଲେ ।ରକ୍ତଦାତା ସଙ୍ଘର ସଭାପତି ଶ୍ରୀଯୁକ୍ତ କମଳ ଚକ୍ରବର୍ତ୍ତୀ, ଗିରିଜା ଶଙ୍କର ଦାସ ଆଦିତ୍ୟ ବାହିନୀର ରାଜ୍ୟ ମହାସଚିବ କୁମାର ସତ୍ୟଜିତ ବେଜ,ଜିଲ୍ଲା କ୍ଷେତ୍ରୀୟ ସମ୍ପାଦକ ଗିରିଜା ଶଙ୍କର କର,ଶାଳୀକୋଠା ଶାଖା ସଚିବ ତାପସ କୁମାର ପାତ୍ର,ରାଜ୍ୟ ଆନନ୍ଦ ବାହିନୀ ଶୁଭଶ୍ରୀ ବେଜ,ଜଗମୋହନ ବ୍ରହ୍ମ,ହରିପଦ ଦେ,ଗଣେଶ ବାରିକ,ସସ୍ମିତା ଦାସ,କଳ୍ପନା ବେହେରା,ଗଣେଶ କୁମାର ଦାସ ପ୍ରତ୍ୟକ୍ଷ ପ୍ରଚେଷ୍ଟାରେ ଶିବିରକୁ ପରିଚାଳନା କରିଥିଲେ । ବାଲେଶ୍ୱର ରକ୍ତଭଣ୍ଡାର ତରଫରୁ ଦେବାଶିଷ ଦତ୍ତ, ଅକ୍ଷୟ ଜେନା, ମନୋଜ ଗନ୍ତାୟତ, ବିନୋଦ ବିହାରୀ ଦାସ,ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ଉକ୍ତ ଶିବିରରେ ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida